# ଓଡ଼ିଶା ଲେଖିକା ସାହିତ୍ୟ ସଂସଦର ପୂର୍ଣ୍ଣମୀ ଆସର

ବ୍ରହ୍ମପୁର,୧୬ ।୧୨(ସମିସ): ଉତ୍କଳଆଶ୍ରମର ପାଠାଗାରରେ ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଲେଖିକା ସାହିତ୍ୟ ସଂସଦର ପୂର୍ଣ୍ଣମା କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଭାରେ ବରିଷ୍ଠ ଲେଖିକା କିରଣ ବାଳା ମିଶ୍ର, ବସନ୍ତ ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ ଅତିଥିଭାବେ ଯୋଗଦେଇ ପଣ୍ଡୁ ପୂର୍ଣ୍ଣମାର ବିଷେଶତ୍ୱ ଉପରେ ଆଲୋକପାତ କରିଥିଲେ । ସୁଧାଞ୍ଜଳି ମିଶ୍ରଙ୍କ ସଂଯୋଜନାରେ ବିଷ୍ଣୁପ୍ରିୟା ମହାପାତ୍ର, ଅନୁରାଧା ସାହୁ, ନଳିନୀ ପ୍ରଭା ପଟ୍ଟନାୟକ, ସୁଚେତା ପାଣିଗ୍ରାହୀ, ସୌଦାମିନୀ ମିଶ୍ର, ଜ୍ୟୋସ୍ନା ରାଣୀ ଦେବୀ, ମଧୁସ୍ମିତା ସାହୁ, ଜ୍ୟୋସ୍ନା ପାଣି, ସସ୍ମିତା ମିଶ୍ର, ସନ୍ଧ୍ୟାରାଣୀ ପଟ୍ଟନାୟକ, ସସ୍ମିତା ପାଣିଗ୍ରାହୀ, ନନ୍ଦିନୀ ତ୍ରିପାଠୀ, ନିହାରିକା ସାହୁ ଓ ଲକ୍ଷ୍ମୀ ଆମ୍ମା ନନ୍ଦତା ଆଦି କବିତା ପାଠ କରିଥିଲେ । ଶେଷରେ ପଦ୍ମିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ସଫେଇ ସଂସ୍ଥାର ମନମାନି; ବିଇଏମ୍‌ସି ବଦ୍‌ନାମ

- ୱାର୍ଡରେ ଆବର୍ଜନା ସଂଗ୍ରହ ଗାଡ଼ି ବୁଲୁଛି ତ?
- ସୋର୍‌ଶବଦ ନାହିଁ, ଜନଗଣ ଅସନ୍ତୋଷ

ବ୍ରହ୍ମପୁର,୧୬ ।୧୨(ସମିସ)

ସହରକୁ ସରସ, ସୁନ୍ଦର କରିବା ଲାଗି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆବର୍ଜନା ସଂଗ୍ରହ ଓ ଏହାର ପ୍ରକ୍ରିୟାକରଣକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏଥିଲାଗି ସହରର ବିଭିନ୍ନ ୱାଡର୍ ଲାଗି ଭିନ୍ନ ଭିନ୍ନ ତିନୋଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଏମାନେ ପ୍ରତି ଘରୁ ଅଳିଆ ଓ ଆବର୍ଜନା ସଂଗ୍ରହ କରିବାର ଦାୟିତ୍ୱ ନେଇଛନ୍ତି । କିନ୍ତୁ ଗତ କିଛିଦିନ ହେବ ବ୍ରହ୍ମପୁର ସହରର କିଛି ୱାର୍ଡରେ ଅଳିଆ ସଂଗ୍ରହ ଗାଡ଼ି ବୁଲୁଛିକି ନାହିଁ ଲୋକେ ଜାଣି ପାରୁନାହାନ୍ତି । କାରଣ ଗାଡ଼ି ଆସିବାର କିଛି ଯିବାର କିଛି ଖୋଜ ଖବର ରହୁନି । ଫଳରେ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦାୟିତ୍ୱରେ ଥିବା ସଫେଇ ସଂସ୍ଥା ଆଉ ବିଇଏମସି ନିୟନ୍ତ୍ରଣରେ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି । ସଫେଇ ସଂସ୍ଥା ଅବହେଳା ଯୋଗୁଁ ବିଇଏମସି ବଦ୍‌ନାମ ହେଉଥିବା କୁହାଯାଉଛି ।

ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ୩୬ ଓ ୩୭ନଂ ୱାଡର୍‌ରେ ବୁଲୁଥିବା ଆବର୍ଜନା ସଂଗ୍ରହ ଗାଡ଼ି ଗୁଡ଼ିକ ଆସିବାର ଲୋକେ ଜାଣି ପାରୁନାହାନ୍ତି । ପୂର୍ବରୁ ଏହି ଅଞ୍ଚଳରେ ସଂଗ୍ରହ କରୁଥିବା ଗାଡ଼ି ଗୁଡ଼ିକ ଡ଼ାବାଜି ଯନ୍ତ୍ର ଲଗାଇ ଲୋକଙ୍କ ଦୂଆର ଆଗରେ ଗାଡ଼ି ଠିଆ କରୁଥିଲା । ଫଳରେ ଲୋକେ ଆସି ନିଜ ଆବର୍ଜନାକୁ ଗାଡ଼ିରେ ପକାଉଥିଲେ । ଏବେ କିଛିଦିନ ହେବ ଏହି ଦୁଇଟି ୱାଡର୍‌ରେ ଗାଡ଼ିର ଶବଦ ଲୋକଙ୍କୁ ଶୁଭୁନଥିବା ଅଭିଯୋଗ ହୋଇଛି ।



ଏ ଦିଗରେ ଦାୟିତ୍ୱରେ ଥିବା ସଂସ୍ଥା ଓ ବିଇଏମସି କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି । ଆବର୍ଜନା ସଂଗ୍ରହ ଗାଡ଼ି ଗୁଡ଼ିକ ଯିବା ଆସିବା କରିବା ସମୟରେ ଶବଦ ନଥିବା ହେତୁ ଲୋକେ ମଧ୍ୟ ନଜାଣି ଆବର୍ଜନା ଏଣେତେଣେ ଫପାଡ଼ିବାକୁ ବାଧ୍ୟ ହେଉଛନ୍ତି । ଫଳରେ ବିଇଏମସିର ଲକ୍ଷ୍ୟ ସାଧନ ହୋଇପାରୁନି । ଅନ୍ୟପକ୍ଷରେ ଏହି ଗାଡ଼ିରେ ବିଭିନ୍ନ ସଚେତନତା ବାର୍ତ୍ତା ମାଧ୍ୟରେ ଶବ୍ଦ ମାଧ୍ୟମରେ ଦିଆଯାଉଥିଲା ତାହା ବି ବନ୍ଦ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏନେଇ ବିଇଏମସି ଡ଼େପୁଟି କମିଶନର ଆର୍ଶୀବାଦ ପରିଡ଼ାଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ । ଲୋକଙ୍କୁ ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବ ।

# ଏମ୍‌କେସିଜିର ଅଚଳ ଅକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ

ବ୍ରହ୍ମପୁର,୧୬ ।୧୨(ସମିସ)



କରୋନା ସମୟରେ ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅକ୍ସିଜେନ ବା ଅମ୍ଳଜାନ ସଂଜୀବନୀ ଭଳି କାର୍ଯ୍ୟ କରିଥିଲା । ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରେ ଏପରିକି ସ୍ଥାନୀୟ ଏମକେସିଜି ମେଡ଼ିକାଲରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା । ଏଭଳି ଭାବେ ମେଡ଼ିକାଲ ପରିସରରେ ମୋଟ ୩ଟି ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ୨୦ହଜାର ଲିଟର ଅକ୍ସିଜେନ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖାଯାଇଥିଲା । ହେଲେ କୋଭିଡ ପରବର୍ତ୍ତି ସମୟରେ ଯେଭଳି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପାଇଁ ଅଲୋଡ଼ା ହୋଇ ଯାଇଥିଲା । ଏବଂ ଗୁରୁତର ରୋଗୀଙ୍କ ପାଇଁ ଆବଶ୍ୟକ ସିଲିଣ୍ଡରରେ ଅକ୍ସିଜେନ ଯୋଗାଣ କରିବାକୁ ମେଡ଼ିକାଲ କର୍ତ୍ତୃପକ୍ଷ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ । ଯାହାକୁ ନେଇ ଗତ ନଭେମ୍ବର ୫ତାରିଖରେ 'ସକାଳ' ଖବରକାଗଜରେ ଏକ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇଥିଲା । ଏହା ପରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଅଚଳ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ । କିଛିଦିନ ବ୍ୟବଧାନରେ ଏମକେସିଜି ମେଡ଼ିକାଲ ପରିସରରେ ଥିବା ସମସ୍ତ ୩ଟି ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରିଛି । ସେଥି ମଧ୍ୟରୁ ୨ଟି ପ୍ଲାଣ୍ଟ ଅକ୍ସିଜେନ ପ୍ରସ୍ତୁତି କରିବା ଆରମ୍ଭ ହୋଇଛି । ଉକ୍ତ ପ୍ଲାଣ୍ଟରେ ଅକ୍ସିଜେନ ପ୍ରସ୍ତୁତ ହୋଇ

**ମେନି ଫୋଲ୍ଡ ରୁମରୁ ସିଧା ରୋଗୀଙ୍କ ନିକଟରେ ପହଞ୍ଚୁଛି ସଂଜୀବନୀ**

ସିଧାସଳଖ ମେଡ଼ିକାଲ ପରିସରରେ ଥିବା ମୋଟ ୭ଟି ମେନି ଫୋଲ୍ଡ ରୁମକୁ ଯାଇଥାଏ । ସେଠାରୁ ସିଧା ମେଡ଼ିକାଲର ବିଭିନ୍ନ ବିଭାଗରେ ଚିକିତ୍ସିତ ହୋଉଥିବା ରୋଗୀଙ୍କ ଶଯ୍ୟା ନିକଟରେ ଅକ୍ସିଜେନ୍ ପହଞ୍ଚିବାର ବ୍ୟବସ୍ଥା ରହିଛି । ପ୍ଲାଣ୍ଟ ପରିଚାଳନା ପାଇଁ ୩ଜଣ ପ୍ଲାଣ୍ଟ ଅପେରେଟର ଥିବାବେଳେ ୨୧ଜଣ ସହଯୋଗୀ ଅଛନ୍ତି । ଅନ୍ୟଏକ ଅକ୍ସିଜେନ ପ୍ଲାଣ୍ଟଟି ଜରୁରୀକାଳୀନ ସ୍ଥିତିରେ ବ୍ୟବହାର ପାଇଁ ରଖା ଯାଇଥିବା ଜଣାପଡ଼ିଛି । ମେଡ଼ିକାଲର ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଘରୋଇ ସଂସ୍ଥାରୁ କ୍ରୟକରାଯାଉଥିବା ଅକ୍ସିଜେନର ପରିମାଣକୁ ହ୍ରାସ କରାଯାଇଛି । ଗତ ୨୦୨୧ମସିହା ଡ଼ିସେମ୍ବର ୧୨ତାରିଖରେ ଆଭାସୀ ମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅକ୍ସିଜେନ ପ୍ଲାଣ୍ଟକୁ ଲୋକାର୍ପଣ କରିଥିଲେ । ତେବେ କିଛି ବର୍ଷ ଏହି ପ୍ଲାଣ୍ଟଗୁଡିକ କାର୍ଯ୍ୟକ୍ଷମ ହେବା ପରେ ତଦାରଖ ଓ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡିଥିଲା । ମେଡିକାଲ କର୍ତ୍ତୃପକ୍ଷଙ୍କ ସମୟୋପଯୋଗୀ ପଦକ୍ଷେପ ଫଳରେ ଅଚଳ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ସହ ରୋଗୀଙ୍କ ପାଇଁ ଉପଯୋଗୀ ହୋଇପାରିଛି ।

## କୋମା'ରେ ଏମ୍‌କେସିଜି ମେଡିକାଲର ମହାପ୍ରୟାଣ ବ୍ୟବସ୍ଥା

# ସପ୍ତାହେ ହେଲା ସେବା ଠପ୍; ବଢୁଛି ଜନଅସନ୍ତୋଷ

ବ୍ରହ୍ମପୁର,୧୬ ।୧୨(ସମିସ)



ମେଡ଼ିକାଲରୁ ଶବକୁ ସମ୍ମାନର ସହ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ମହାପ୍ରୟାଣ' ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍ପିଟାଲରେ ଥିବା ମହାପ୍ରୟାଣ ଗାଡ଼ି ଜରିଆରେ

- ଡ୍ରାଇଭରଙ୍କୁ ମିଳିନି ଦୁଇମାସର ବକେୟା ଦରମା
- ଶବ ପରିବହନ ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ

ଶବକୁ ସ୍ୱଳ୍ପ ଅର୍ଥରେ ଘରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଏମକେସିଜି ମେଡ଼ିକାଲରେ ଦୀର୍ଘ ଏକ ସପ୍ତାହରୁ ଅଧିକ କାଳ ହେବ ମହାପ୍ରୟାଣ ସେବା ଠପ୍ ହୋଇଯାଇଛି । ଫଳରେ ମୃତବ୍ୟକ୍ତିଙ୍କ ଶବକୁ ପରିବହନ କରିବା ପାଇଁ ଲୋକଙ୍କୁ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏଥିପାଇଁ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏମକେସିଜି ମେଡ଼ିକାଲରେ ମୋଟ ୫ଟି ମହାପ୍ରୟାଣ ଗାଡ଼ି ରହିଛି । ପୂର୍ବରୁ ୩ଟି ଗାଡି ଥିବାବେଳେ ନିକଟରେ ଆଇଆରଇ ଓ ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୋଟିଏ ଲେଖାଏଁ ମହାପ୍ରୟାଣ ଗାଡ଼ି ଏମକେସିଜି ମେଡ଼ିକାଲକୁ ପ୍ରଦାନ କରାଯାଇଥିଲା । ୨ଟି ନୂତନ ମହାପ୍ରୟାଣ ଗାଡ଼ିର କାଗଜପତ୍ର ପ୍ରସ୍ତୁତ ହୋଇନଥିବାରୁ ସେଗୁଡିକ ବ୍ୟବହାର ଯୋଗ୍ୟ ହୋଇପାରି ନଥିବା ଜଣାପଡିଛି । ଅନ୍ୟ ୩ଟି ଗାଡ଼ି ମଧ୍ୟରୁ ୨ଟିରେ ସେବାରେ ନିୟୋଜିତ ଥିବାବେଳେ କିଛିଦିନ ପୂର୍ବେ ଉଭୟ ମହାପ୍ରୟାଣ ଗାଡ଼ି ଖରାପ ହେବା କାରଣରୁ ଏମକେସିଜି ମେଡ଼ିକାଲରେ ମହାପ୍ରୟାଣ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି । ଗତ ୨ମାସ ଧରି ଏମକେସିଜି ମେଡ଼ିକାଲର ମହାପ୍ରୟାଣ ଗାଡ଼ିକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳନା କରୁଛନ୍ତି । କାର୍ଯ୍ୟରେ ଥିବା ୪ଜଣ ଡ୍ରାଇଭରଙ୍କୁ ୨ମାସର ଦରମା ପ୍ରଦାନ କରାଯାଇ ନାହିଁ । ସେହିଭଳି ମହାପ୍ରୟାଣ ଗାଡ଼ି ପରିଚାଳନା ନିମନ୍ତେ ଆବଶ୍ୟକ ଅର୍ଥକୁ ମଧ୍ୟ ସଠିକ ଭାବରେ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ଯାହାଫଳରେ ସେବା ପ୍ରଦାନରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ।

# ସବ୍ ଜୁନିଅର୍ ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଦଳର କେନ୍ଦୁଝର ଗସ୍ତ



ବ୍ରହ୍ମପୁର, ୧୬ ।୧୨ (ସମିସ): କେନ୍ଦୁଝରରେ ହେବାକୁ ଥିବା ଦୁଇ ଦିନିଆ ୨୧ତମ ସବ୍ ଜୁନିଅର୍ ଆନ୍ତଃଜିଲ୍ଲା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲାର ୧୬ଜଣ ଲେଖାଏଁ ବାଳକ ଓ ବାଳିକା ଦଳ ଯାତ୍ରା କରିଛନ୍ତି । ଚଳିତ ମାସ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚୟନ ହୋଇଥିବା ଖେଳାଳିମାନେ ସହରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ । ବାଳକ ବିଭାଗରେ ଡି. କମଲ କୁମାର, ମନିଶ୍ ପ୍ରଧାନ, ଆରିୟନ୍ ସାହୁ, ଅଭିନବ ମାଝୀ, ନୀତିଶ ମାଲଣା, ଦେବାଶିଷ ଗନ୍ତାୟତ, ଶେଖର ସାହୁ, ରୋନକ୍ ରାଓ, ସମୀର କୁମାର ପାଢ଼ୀ, ବି. ଅର୍ନବ କୁମାର୍, ଆଦିତ୍ୟ ସାହୁ, ସାଇରାମ୍ ସାହୁ, ସୁମିତ ସେନାପତି, ଅମନ୍ ପିଟର୍, ସୁମିତ ସେଠୀ ଓ ସୌମ୍ୟଜିତ ପଣ୍ଡା ସ୍ଥାନ ପାଇଛନ୍ତି । ସେହିଭଳି ବାଳିକା ବିଭାଗରେ ସୁଜ୍ଞାନୀ ଜେନା, ସୋନାକ୍ଷୀ ଗମାଙ୍ଗ, ମଧୁସ୍ମିତା ମହାରଣା, ଅଲିଭା ପ୍ରଧାନ, ରୋଶ୍ନି ପିଟର, ଏମ୍. ଅନିଶା, ଅନୁଷ୍କା ଶର୍ମା, ଆରାଧା ସାହୁ, ଆରାଧ୍ୟା ବେହେରା, ମୀନା ପାତ୍ର, ପୂର୍ବି ପୃଷ୍ଟି, ଦକ୍ଷତା ମିଶ୍ର ଓ ସୋନାକ୍ଷୀ ମହାନ୍ତି ପ୍ରମୁଖ ଦଳରେ ସାମିଲ ହୋଇ କେନ୍ଦୁଝର ଗସ୍ତ କରିଛନ୍ତି । ଏହି ସମସ୍ତ ଖେଳାଳି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଏନଆଇଏସ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଖେଳାଳିମାନଙ୍କୁ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧ୍ୟକ୍ଷ ମନୋଜ କୁମାର ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି ।

# ପାଦଫଟା ରୋଗ ସଚେତନତା

ବ୍ରହ୍ମପୁର, ୧୬ ।୧୨ (ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଶୀତଦିନିଆ ପାଦ, ଓଠ, ଚର୍ମ ଫଟା ରୋଗ ପ୍ରତିରୋଧ ପାଇଁ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ଶୀତଦିନେ ଥଣ୍ଡା ଶୁଷ୍କ ବାୟୁ ବହିବା, ଧୂଳିକଣା,ଧାନ ଅମଳ ପାଇଁ ଶୁଷ୍କ ଜମିରେ କାମ କଲେ ଶୁଷ୍କ, ରୁକ୍ଷ ଶରୀର ଅଧିକ ଶୁଷ୍କ ହୋଇ ଓଠ, ପାଦ, ଶରୀର ଚର୍ମ ଫାଟେ ଓ ରକ୍ତ ବାହାରେ । ସମ୍ପୂର୍ଣ୍ଣ ଶରୀରକୁ ଘୋଡାଇ ରଖନ୍ତୁ । ଶରୀରକୁ ସଫା ରଖନ୍ତୁ । ନଡ଼ିଆ ତେଲ, ସୋରିଷ ତେଲ, ଗୋ ଘୃତ କୌଣସି ଗୋଟିଏ ଲଗାନ୍ତୁ । ଗୁଡ, ଲବଣ, ତେନ୍ତୁଳି ଗଛ ମୂଳ ଛାଲି ଘୃତ ସହ ବାଟି ଫଟା ଜାଗାରେ ଲଗାନ୍ତୁ । ଝୁଣା, ସୈନ୍ଧବକୁ ଘିଅ, ମହୁ ସହ ବାଟି ଲଗାନ୍ତୁ । ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ।

# ଫାର୍ମାସୀ କଲେଜ ପକ୍ଷରୁ ଶୀତବସ୍ତ୍ର ଓ ରନ୍ଧାଖାଦ୍ୟ ବଣ୍ଟନ



ବ୍ରହ୍ମପୁର,୧୬ ।୧୨(ସମିସ): ରୋଲାଣ୍ଡ ଫାର୍ମାସୀ କଲେଜର ରିପୋନୋଭା କ୍ଲବର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦୁଇଦିନ ଧରି ଶୀତବସ୍ତ୍ର ଓ ରନ୍ଧା ଖାଦ୍ୟ ବଣ୍ଟନ ଅଭିଯାନ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ଗତ ଡିସେମ୍ବର ୧୪ତାରିଖରେ ବ୍ରହ୍ମପୁରର ରେଳ ଷ୍ଟେସନଠାରେ ଥିବା ଗରିବ ଓ ଅସହାୟ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ରନ୍ଧାଖାଦ୍ୟ ଏବଂ ଶୀତ ବସ୍ତ୍ର ପ୍ରଦାନ କରିଥିଲେ । ସେହିପରି ୧୫ତାରିଖରେ ମଦନମୋହନପୁର ସ୍ଥିତ ନବଜୀବନ ସେବା ଆଶ୍ରମରେ ଥିବା ଅନାଥ ପିଲାମାନଙ୍କୁ ସକାଳ ଓ ରାତ୍ରି ଭୋଜନ ପ୍ରଦାନ କରିବା ସହିତ ପିଲାମାନଙ୍କ ପାଇଁ ବହି, ଖାତା, କଲମ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଆଦି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସେକ୍ରେଟାରୀ ରଶ୍ମି ରଞ୍ଜନ ସାହୁ, ଶଶାଙ୍କ ଶେଖର ପଣ୍ଡା ଓ କ୍ଲବର ଅଧ୍ୟକ୍ଷ ଶ୍ରୀ ରବିନାରାୟଣ ରଣାଙ୍କ ସମେତ କଲେଜର ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲେ । ରିପୋନୋଭା କ୍ଲବର ଏହି ସାମାଜିକ ଓ ଲୋକକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

## ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଶା ସାମ୍ବାଦିକଙ୍କ ଏନ୍ତୁଡ଼ିଶାଳ

ବ୍ରହ୍ମପୁର,୧୬ ।୧୨(ସମିସ)



**ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ବିଭାଗର ପୂର୍ବତନ ଛାତ୍ରଛାତ୍ରୀଙ୍କ ଡାଟାବେସ**

ସାମ୍ବାଦିକ ସୃଷ୍ଟି କରିବା କ୍ଷେତ୍ରରେ ଓଡିଶାର ଏନ୍ତୁଡିଶାଳ ହେଉଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ । ୧୯୭୪ମସିହାରୁ ଆରମ୍ଭ ହୋଇଥିବା ଏହି ବିଭାଗ ଚଳିତ ବର୍ଷ ୫୦ବର୍ଷ ପୂରଣ କରିବା ସହିତ ତାହାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରିଛି । ୩ଦିନ ଧରି ଆୟୋଜିତ ସୁବର୍ଣ୍ଣଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ 'ଦୋଛକିରେ ଗଣମାଧ୍ୟମ' ଓ ବ୍ରହ୍ମପୁରରେ 'ଫିଲ୍ଡ ରିପୋର୍ଟିଂରେ ଚାଲେଞ୍ଜ' ସମ୍ପର୍କିତ ଦୁଇଟି ପୃଥକ ପୃଥକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ବହୁ ବରିଷ୍ଠ ପ୍ରାଧ୍ୟାପକ ଓ ସାମ୍ବାଦିକମାନେ ଯୋଗ ଦେଇ ସାମ୍ବାଦିକତା କ୍ଷେତ୍ରରେ ଅର୍ଥାତ୍ ସାମ୍ବାଦିକ ସୃଷ୍ଟି କରିବାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଓଡିଶାର ଏନ୍ତୁଡିଶାଳ ବୋଲି ମତ ଦେଇଥିଲେ । ସେହିଭଳି ଖୁବ୍‌ଶୀଘ୍ର ଏହି ବିଭାଗର ଆଲୁମିନି ବା ପୂରାତନ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ଏକ ଡାଟାବେସ ପ୍ରସ୍ତୁତ କରିବାକୁ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାସ ପରାମର୍ଶ ଦେଇଛନ୍ତି । ୧୯୭୪ମସିହାରେ ମାତ୍ର ୮ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମ ବ୍ୟାଚ ଆରମ୍ଭ ହୋଇଥିବା ଏହି ବିଭାଗରେ ଦିର୍ଘ ୫୦ବର୍ଷ ମଧ୍ୟରେ ବହୁ ଛାତ୍ରଛାତ୍ରୀ ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ । ଉଦ୍‌ଯାପନୀ ଦିବସରେ ଆୟୋଜିତ ପ୍ରଥମ କର୍ମଶାଳାରେ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାସଙ୍କ ପୃଷ୍ଠପୋଷକତାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଲାଇଭର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାମ୍ବର ରଥ ଯୋଗ ଦେଇ ସାମ୍ବାଦିକତା ଓ ଗଣଯୋଗାଯୋଗର ଭୂମିକା ଓ ଆବଶ୍ୟକତାକୁ ନେଇ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରଫେସର ଗଣେଷ ସେଠୀଙ୍କ ସଂଯୋଜନାରେ ସମ୍ପାଦକ ମଣ୍ଡଳୀ ଡଃ ନେହା ପାଣ୍ଡେ ଓ ଡଃ ଚିନୁ ବୋହିଦାରଙ୍କ ତତ୍ୱାବଧାନରେ ଆୟୋଜିତ 'ଦୋଛକିରେ ଗଣମାଧ୍ୟମ' ଶୀର୍ଷକ କର୍ମଶାଳାରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରୁ ବିଭିନ୍ନ ବିଶାରଦ ଓ ଗବେଷକମାନେ ଉଭୟ ଅନଲାଇନ ଓ ଅଫ୍‌ଲାଇନରେ ଯୋଗଦାନ କରି ନିଜର ସନ୍ଦର୍ଭ ପାଠ କରିଥିଲେ । ଦ୍ୱୀତିୟ ପର୍ଯର୍ୟାୟ କର୍ମଶାଳାରେ ବ୍ରହ୍ମପୁର ଓ ଗୋପାଳପୁରର ସାମ୍ବାଦିକମାନଙ୍କୁ ନେଇ ଫିଲ୍ଡ ରିପୋର୍ଟିରେ ଚାଲେଞ୍ଜ ସମ୍ପର୍କିତ ପ୍ରସଙ୍ଗ ଉପରେ ବରିଷ୍ଠ ସାମ୍ବାଦିକମାନେ ନିଜନିଜର ତିକ୍ତ ଅନୁଭୂତି ବଖାଣିବା ସହ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାସ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଓଡିଶା ଲାଇଭର ସିଇଓ ନୀଳାମ୍ବର ରଥ, ଦୈନିକ ଓଡିଆ ଖବରକାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ଓଟିଭି ବ୍ୟୁରୋ ହେଡ ଅଶୋକ କୁମାର ବ୍ରହ୍ମା, ଇଟିଭି ଭାରତର ପ୍ରତିନିଧି ସମୀର କୁମାର ଆଚାର୍ଯ୍ୟ, ନାରାୟଣ ମହାକୁଡ, ନାଗଭୁଷଣ ରାଓ, ସୁବାଷ ପାଢୀ ଓ ରାଜୁ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ସମସ୍ତ ସାମ୍ବାଦିକଙ୍କୁ ଉପଢୌକନ ଓ ଟ୍ରଫି ପ୍ରଦାନ ପୂର୍ବକ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବିଭାଗୀୟ ମୁଖ୍ୟ ଡଃ ବନ୍ଦିତା କୁମାରୀ ପଣ୍ଡା ୩ଦିନ ବ୍ୟାପୀ ଉତ୍ସବରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡଃ ଜୟନ୍ତ କୁମାର ପଣ୍ଡା, ଅଗ୍ନିକୁମାର ବେହେରା ଓ ସୌରଭ କୁମାର ସିଟ ପ୍ରମୁଖ ସହଯୋଗ କରିଥିଲେ ।

# ଥାନାରେ ଏଚ୍‌ଆଇଭି, ଏଡ୍‌ସ ସଚେତନତା କର୍ମଶାଳା

ବ୍ରହ୍ମପୁର,୧୬ ।୧୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅରୁଣା' ପକ୍ଷରୁ ଏଚଆଇଭି ଓ ଏଡସ ସଚେତନତା କାର୍ଯ୍ୟକ୍ରମ ବଡବଜାର ଥାନାରେ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ବାବା ଶଙ୍କର ସ୍ୱରାପଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଲକ୍ଷ୍ୟଭେଦୀ ପ୍ରକଳ୍ପ ଅଧିକାରୀ ସୁନୀଲ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅରୁଣାର ନିର୍ଦ୍ଦେଶକ ଲୋକନାଥ ମିଶ୍ର ଯୋଗଦେଇ ଏ ପ୍ରକଳ୍ପର ଦିଗ ଓ ଗଞ୍ଜାମ ଜିଲ୍ଲା ଏଚଆଇଭିର ସ୍ଥିତି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ଏହି ଜିଲ୍ଲାରେ ଏଚଆଇଭି ବୃଦ୍ଧି ହୋଇଥିଲା ଓ ଏହାକୁ କିପରି ରୋକ ଲଗାଯାଇ ପାରିଲା ସେ ସମ୍ବନ୍ଧରେ ବ୍ୟାପକ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ କ୍ଷେତ୍ରରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଣୁ ସମ୍ବେଦନଶୀଳ ଗୋଷ୍ଠୀ ସମ୍ପର୍କରେ ଜାଣିଲେ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ । ଗଞ୍ଜାମ ଜିଲ୍ଲା ଏଡସ ବିଭାଗର ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ ଯୋଗଦେଇ ଏଚଆଇଭି କିପରି ହୁଏ । ଏହାଠାରୁ କିପରି ବର୍ତ୍ତିବା, ଓ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ରୋଗକୁ ଘୃଣା କର କିନ୍ତୁ ରୋଗୀକୁ ନୁହଁ, ଓଡିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତିର ସୋସିଆଲ ପ୍ଲାଟଫର୍ମ ସହିତ ନିଜେ ଯୋଡି ହୁଅନ୍ତୁ ଓ ଅନ୍ୟମାନଙ୍କୁ ଯୋଡିବାକୁ ଅନୁରୋଧ କରିଥିଲେ । ବଡ଼ ବଜାର ଥାନା ଅଧିକାରୀ ଶ୍ରୀ ବାବା ଶଙ୍କର ସ୍ୱରାପ ନିଜ ବକ୍ତବ୍ୟରେ ସମସ୍ତ ପ୍ରକାଶର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାନ୍ତ କୁମାର ସ୍ୱାଇଁ ଓ ଅଶୋକ କୁମାର ପାତ୍ର ଏହି କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳନା କରିଥିଲେ ।



# ଜାନୁଆରିରେ ଦୁଇଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**କଟକ, ୧୬ ।୧୨(ସମିସ):** ଆସନ୍ତା ୨୦୨୫ ଜାନୁଆରିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଥର ଓଡ଼ିଶା ଗସ୍ତରେ ଆସିବେ। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି କଟକରେ ସିପାହୀ କନଷ୍ଟେବଳ ସଂଘର ବାର୍ଷିକ ଉତ୍ସବରେ ଯୋଗ ଦେବା ଅବସରରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଆସନ୍ତା ଜାନୁଆରି ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଥିବା ବେଳେ ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ସେହିଭଳି ଜାନୁଆରି ୨୮ ଓ ୨୯ରେ ମଧ୍ୟ ଉତ୍କର୍ଷ ଓଡ଼ିଶା କନକ୍ଲେଭର ଆୟୋଜନ ମଧ୍ୟ ରାଜଧାନୀରେ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମଧ୍ୟ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

# ଶିକାରୀ ଗିରଫ, ୨୯ ମୃତ ପକ୍ଷୀ ଜବତ

**ଟାଙ୍ଗୀ, ୧୬।୧୨(ସମିସ):** ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ବାଲିନାସୀ ଅଞ୍ଚଳରୁ ବନ ବିଭାଗ ଜଣେ ପକ୍ଷୀ ଶିକାରୀକୁ ଗିରଫ କରିବା ସହ ତା' ପାଖରୁ ୭ ପ୍ରଜାତିର ୨୯ଟି ବିଦେଶାଗତ ମୃତ ପକ୍ଷୀ, ଗୋଟିଏ ବାଇକ୍, ବାଇନାକୁଲାର, ମୋବାଇଲ ଓ ଜରିଅଖା ଜବତ କରିଛି। ଗିରଫ ଶିକାରୀଜଣଙ୍କ ହେଲା, ଉଜଳା ଗୋପୀନାଥପୁରର ଆଲୋକ



ପ୍ରଧାନ (୨୮)। ଜବତ ପକ୍ଷୀ ମଧ୍ୟରେ ୬ଟି ନର୍ଦନ ସୋଭଲର୍, ଗୋଟିଏ ରୁଡି ସେଲଡକ୍, ଗୋଟିଏ ନର୍ଦନ ପିନଟେଲ୍, ଗୋଟିଏ ଗଡୱାଲ, ୩ଟି ଗାରଗେନି, ୩ଟି କମନ କୁଟ୍, ୧୪ଟି ଗ୍ରେ-ହେଡେଡ୍ ସ୍ୱାମଫେନ୍ ରହିଛନ୍ତି। ଆଲୋକ କଇଁ ନାଡ଼ରେ ଫୁରାଡନ୍ ବିଷ ଥୋଇ ସେ ପକ୍ଷୀ ଶିକାର କରୁଥିବା ଜଣାଯାଇଛି। ଚଢ଼ଉରେ ଫରେଷ୍ଟର୍ ମୀନା କୁମାରୀ ନାୟକ, ଫରେଷ୍ଟଗାର୍ଡ ଜାନକୀ ସାହୁ, ନିରଞ୍ଜନ ମହାରଣା, ସୁରକ୍ଷା କର୍ମୀ ବାପି ବେହେରା, ସୁଶାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

■ **କାଳ ହେଲା ଘନ କୁହୁଡ଼ି**

# ବସ୍ ଓଲଟି ୭ ଆହତ

**ବେଗୁନିଆ,୧୬।୧୨(ସମିସ):** ୫୭ନମ୍ବର ଜାତୀୟ ରାଜପଥର ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ଥିବା ଇଟାଫ୍ୟାକ୍ଟ୍ରି ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଓଲଟି ୭ଜଣ ଆହତ ହୋଇଛନ୍ତି। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ, ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା 'ଖୁସି' ବସ୍ ଘନ କୁହୁଡ଼ି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ




୬ଜଣ ବ୍ୟକ୍ତିଙ୍କ ସମେତ ଜଣେ ଶିଶୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ବେଗୁନିଆ ଅଗ୍ନିଶମ କର୍ମଚାରୀ ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

# କପିଳାସ ଉଦ୍ଧାର କେନ୍ଦ୍ରରେ ଚିକିତ୍ସାଧୀନ ହାତୀର ମୃତ୍ୟୁ

**ଢେଙ୍କାନାଳ,୧୬ ।୧୨(ସମିସ):** ଢେଙ୍କାନାଳ ବନଖଣ୍ଡର କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ରହି ଚିକିତ୍ସାଧୀନ ଥିବା ଆଠଗଡ଼ ବନଖଣ୍ଡର ୧୫ ବର୍ଷୀୟ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗତ ୧୦ ତାରିଖ ଦିନ ଆଠଗଡ଼ ଡିଭିଜନରୁ ଏକ ହାତୀକୁ ଟ୍ରାଙ୍କୁଲାଇଜ୍ କରି କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ହାତୀଟିକୁ ଆରଆରଟି ଢେଙ୍କାନାଳ ଏବଂ ଚନ୍ଦକା ଫରେଷ୍ଟ ବିଭାଗର ଡକ୍ଟର ଇନ୍ଦ୍ରମଣି ନାଥ, ଡକ୍ଟର ଅସିତ ଚକ୍ରବର୍ତ୍ତୀ ପ୍ରମୁଖ ଚିକିତ୍ସା କରୁଥିଲେ। ତା' ମୁହଁରେ ଗଭୀର କ୍ଷତ ଥିବା ବେଳେ ଜିଭ କଟିଯାଇଥିଲା। ଫଳରେ ସେ ଠିକ୍ ଭାବେ ଖାଦ୍ୟ ଖାଇପାରୁନଥିଲା। ଅଧିକ ଚିକିତ୍ସା ଲାଗି ତାକୁ କପିଳାସ ଅଣାଯାଇଥିଲା। କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରରେ ତା'ର ଚିକିତ୍ସା କରାଯିବା ସହ ତାକୁ ବିଭିନ୍ନ ପ୍ରକାରର ଔଷଧ, ସାଲାଇନ୍, ଆଣ୍ଟିବାଇଓଟିକ୍ ଦିଆଯାଉଥିଲା। ଖାଦ୍ୟ ଦେଲେ ମଧ୍ୟ ତାହା ପାଟିରୁ ଗଳି ପଡୁଥିଲା। ସବୁ ଚିକିତ୍ସା ବିଫଳ ହେବା ସହିତ ଆଜି ଦିନ ପ୍ରାୟ ୨ଟାରେ ତା'ର ମୃତ୍ୟୁ ଘଟିଛି। କିଛି ଦିନ ତଳେ ୫ ବର୍ଷୀୟ ଏକ ମାଈହାତୀ ମେରାମଣ୍ଡଳୀ ସେକ୍ସନ୍ ଅନ୍ତର୍ଗତ ରେଳ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କପିଳାସ ହାତୀ ସଂରକ୍ଷଣ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣ ହରାଇଥିଲା।

■ **କୁଟିଂଗୁଡ଼ା ଜଙ୍ଗଲରେ ଏନ୍‌କାଉଣ୍ଟର୍ ମାମଲା**

# ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ

**ଗୁଣୁପୁର,୧୬।୧୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅଧୀନ କୁଟିଂଗୁଡ଼ା ଜଙ୍ଗଲରେ ଏନକାଉଣ୍ଟର୍ ଘଟଣାରେ ମାଓ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୋମବାର ରାୟଗଡ଼ା ଜିଲ୍ଲା ଗୁଣପୁର ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ର ଏହି ରାୟ ଶୁଣାଇଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ ହୋଇଥିବା




ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ମାମଲାରେ ବିଚାର ସମୟରେ ୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ତାଙ୍କର ରାୟ ଶୁଣାଇଥିଲେ। ସୂଚନାନୁଯାୟୀ, ୨୦୦୩ ଜାନୁଆରୀ ୧୫ ତାରିଖରେ ଗୁଡ଼ାରୀ ଥାନା ଅଧୀନ କୁଟିଂଗୁଡ଼ା ଜଙ୍ଗଲରେ ମାଓବାଦୀମାନେ ଗୁପ୍ତ ବୈଠକ କରୁଥିବା ପୁଲିସ ଖବର ପାଇଥିଲା। ଏହାପରେ ଗୁଡ଼ାରୀ ପୁଲିସ ଓ ସିଆରପିଏଫ୍ ସେଠାରେ ମିଳିତ ଚଢ଼ଉ କରିଥିଲା। ସେଠାରେ ମାଓବାଦୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଏହି ମାମଲାରେ ସବ୍ୟସାଚୀ ପଣ୍ଡାଙ୍କ ପତ୍ନୀ ମିଲି ଓରଫ୍ ଶୁଭଶ୍ରୀ ପଣ୍ଡା ମଧ୍ୟ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

**ସ୍ୱାସ୍ଥ୍ୟ ବିଭାଗର କଠୋର ଆଭିମୁଖ୍ୟ**

# ବିଦାହେବେ ବର୍ଷ ବର୍ଷ ଧରି ନିଖୋଜ ଥିବା ଡାକ୍ତର

**ଭୁବନେଶ୍ୱର,୧୬ ।୧୨(ସମିସ):** ଗୋଟିଏ ପଟେ ରାଜ୍ୟରେ ଡାକ୍ତରଙ୍କ ଘୋର ଅଭାବ ରହିଛି, ବିନା ଅନୁମତିରେ ଶତାଧିକ ଡାକ୍ତର ଦୀର୍ଘ ଦିନ ହେଲା କାର୍ଯ୍ୟରେ ଅନୁପସ୍ଥିତ। ବର୍ଷ ବର୍ଷ ଧରି ସମାନ ସ୍ଥିତି ଲାଗି ରହିଛି। କିନ୍ତୁ ଦୀର୍ଘ ଦିନ ଧରି ବିନା ଛୁଟିରେ ଅନୁପସ୍ଥିତ ରହିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉଛି। ପର୍ଯ୍ୟାୟକ୍ରମେ ସେମାନଙ୍କୁ କାର୍ଯ୍ୟରୁ ବିଦା କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ବଡ଼ ଧରଣର ପ୍ରସ୍ତୁତି ଆରମ୍ଭ କରିଛି।

ବିଧାନସଭାର ଶୀତକାଳୀନ ଅଧିବେଶନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ରାଜ୍ୟରେ ଏବେ ୧୯୬ ଜଣ ଡାକ୍ତର ବିନା ଅନୁମତିରେ ଦୀର୍ଘ ଦିନ ହେଲା କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି ଏବଂ ବିଧି ବ୍ୟବସ୍ଥା ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। କିନ୍ତୁ ବାସ୍ତବତା ହେଲା ସରକାରଙ୍କ ଅଗୋଚରରେ ଶତାଧିକ ଡାକ୍ତର ବର୍ଷ ବର୍ଷ ଧରି ଅନୁପସ୍ଥିତ ଅଛନ୍ତି। ସେମାନଙ୍କ ଖୋଜ ଖବର ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। କିଏ ମାସେ ପାଇଁ ଛୁଟି ନେଇ ଯାଇଛନ୍ତି ତ ଆଉ ଫେରି ନାହାନ୍ତି। ଆଉ କେହି ବିନା କୌଣସି ସୂଚନାରେ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ବିଭାଗ କେବଳ ତାଙ୍କ ଠିକଣାରେ ଚିଠି ପଠାଇ କାର୍ଯ୍ୟରେ ଯୋଗଦେବା ପାଇଁ ତାଗିଦ୍ କରି ଆସୁଛ; ହେଲେ ସେମାନଙ୍କୁ କିଛି ଫରକ ପଡୁନାହିଁ। କେବଳ ସରକାରୀ ଚାକିରିରେ ସେମାନଙ୍କ ନାଁ ଗଡୁଛି। ରାଜ୍ୟରେ ହଜାର ହଜାର ଡାକ୍ତର ପଦବୀ ଖାଲି ଥିବାବେଳେ ଦୁଇ ଶହ ଡାକ୍ତରଙ୍କ ଅନୁପସ୍ଥିତି କିଛି ବଡ଼ କଥା ନୁହେଁ। କିନ୍ତୁ ଆବଶ୍ୟକତା ଏତେ ଯେ ଜଣେ

## ଅଦାଲତି ମାମଲା ପାଇଁ କାର୍ଯ୍ୟାନୁଷ୍ଠାନ ବିଳମ୍ବ

ଡାକ୍ତରଙ୍କ କାର୍ଯ୍ୟରେ ଯୋଗଦାନ ବହୁତ ବଡ଼ ପ୍ରଭାବ ପକାଇଥାଏ। ହେଲେ ଦୀର୍ଘ ଦିନ ଧରି ନିରବ ରହିବା ପରେ ନିଖୋଜ ଡାକ୍ତରଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଣ୍ଟା ଭିଡ଼ିଛି ବିଭାଗ। କିନ୍ତୁ ଏହା ବି ଦେଖା ଯାଇଛି ଯେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ସେମାନେ ଏହା ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହେଉଛନ୍ତି। ଫଳରେ ବିଭାଗକୁ ଆଇନଗତ ଝାମେଲା ମୁଣ୍ଡାଇବାକୁ ହେଉଛି।

ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ଯେଉଁମାନେ ବାରମ୍ବାର କହିବା ପରେ ବି କାର୍ଯ୍ୟରେ ଯୋଗ ଦେଉନାହାନ୍ତି ସେମାନଙ୍କୁ ବହିଷ୍କାର କରାଯାଉଛି, ଆର୍ଥିକ ପ୍ରାପ୍ୟ ବନ୍ଦ କରାଯାଉଛି। କିନ୍ତୁ ଏହା ପୂର୍ବରୁ ଆମକୁ ସବୁ ଦିଗରୁ ବିଚାର କରି ପଦକ୍ଷେପ ନେବାକୁ ହେବ, ଯଦ୍ୱାରା କୋର୍ଟକଚେରି ମାମଲା ଠାରୁ ବିଭାଗ ଦୂରେଇ ରହିବ। ସେଥିପାଇଁ ଏକ ସମୟରେ ଏତେ ସଂଖ୍ୟକ ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହେଉନାହିଁ। ତେବେ ପର୍ଯ୍ୟାୟକ୍ରମେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ସାଧାରଣତଃ ଡାକ୍ତରମାନେ ୬୫ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରିରେ ରହିବାକୁ ଚାହୁଁନାହାନ୍ତି। ସରକାରୀ ଡ୍ୟୁଟିରେ କେବଳ ରୋଗୀ ସେବା ନୁହେଁ; ଅନେକ କାଗଜପତ୍ର ଦାୟିତ୍ୱ ବି ରହୁଛି। ଯଦି କିଛି ଅଘଟଣ କିମ୍ବା ବିବାଦ ହେଲା, ତା'ହେଲେ ତଦନ୍ତ ଝାମେଲା ବି ମୁଣ୍ଡାଇବାକୁ ପଡୁଛି। ଏପରିସ୍ଥଳେ ଅନେକ ଡାକ୍ତର ଅବସର ବୟସ ହ୍ରାସ କରିବା ପାଇଁ ଦାବି କରି ଆସୁଛନ୍ତି।

# ତୁରେକେଲାରେ ମାଓକ୍ୟାମ୍ପ ଠାବ

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ବିସ୍ଫୋରକ ଜବତ



**ବଲାଙ୍ଗିର, ୧୬।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ଛତରଦାଣ୍ଡି ଅଞ୍ଚଳରୁ ଆଜି ଏକ ମାଓ କ୍ୟାମ୍ପ ଠାବ ହୋଇଛି। କ୍ୟାମ୍ପ ଭିତରେ ମାଓବାଦୀ ନଥିଲେ ହେଁ ସେଠାରୁ ବିସ୍ଫୋରକ ସାମଗ୍ରୀ ସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ରାଇଫଲ, ୩୦ଟି ଗୁଳି, ମସ୍କେଟ ଗୁଳି, ଏୟାର ଗନ୍ ଗୁଳି, ମାଗାଜିନ ପାଉଚ, ପ୍ଲାଷ୍ଟିକ ବକ୍ସ, ବିଦ୍ୟୁତ ତାର, ଷ୍ଟିଲ ଆଇରନ ପ୍ଲେଟ, ସୋଲାର ପ୍ଲେଟ, ହିନ୍ଦୀ ଓ ତେଲୁଗୁ ଭାଷାରେ ଲେଖା ମାଓବାଦୀ ବହି, କପଡ଼ା, ଟିଫିନ୍ ବକ୍ସ ଆଦି ରହିଛି। ଏ ସମ୍ପର୍କରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରବିବାର ଛତରଦାଣ୍ଡି ଅଞ୍ଚଳରେ ମାଓ ଗତିବିଧି ନେଇ ପୁଲିସକୁ ସୂଚନା ମିଳିବା ପରେ ବଲାଙ୍ଗିର ପୁଲିସ, ଏସ୍ଓଜି ଓ ଡିଭିଏଫ ଯବାନମାନଙ୍କ ମିଳିତ ଉଦ୍ୟମରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଅପରେସନ ସମୟରେ ଛତରଦାଣ୍ଡି ଜଙ୍ଗଲ ଭିତରେ ଏକ ମାଓ କ୍ୟାମ୍ପ ଠାବ ହୋଇଥିଲା। ତୁରେକେଲା ଅଞ୍ଚଳଟି ମାଓବାଦୀଙ୍କର ବଲାଙ୍ଗିର, ବରଗଡ଼, ମହାସମୁନ୍ଦ (ବିବିଏମ) ଅଧୀନ ହୋଇଥିବାରୁ ଏହି ଅଞ୍ଚଳରେ ମାଓବାଦୀ ଗତିବିଧି ରହିଥିବା କୁହାଯାଉଛି। ଶେଷ ଖବର ଲେଖା ହେବା ସୁଦ୍ଧା ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏହି ଅପରେସନ୍‌ରେ ତୁରେକେଲା ଆଇଆଇସି ରମାକାନ୍ତ ସାହୁଙ୍କ ସମେତ କନେଷ୍ଟବଳ ଏସ୍. ମଲ୍ଲିକ, ଏସ୍. ହାତୀଖୁଜିଆ, ଏସ୍ଏସ୍ କୁମୁରା, ଏଚ୍ ବୁଡେକ, ଡି ମହାକୁଡ଼, ଏସ ଥାଟି, ଜେ ମାଝୀ, ଡି ମେହେର, ଡି ପ୍ରଧାନ, ବି ମାଝୀ ପ୍ରମୁଖ ସାମିଲ ଥିଲେ।

■ **୭୭ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା**

# କଳାକାରଙ୍କ ଆଖଡ଼ା ଅଭ୍ୟାସ ଆରମ୍ଭ



**ବରଗଡ଼,୧୬ ।୧୨(ସମିସ):** ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇ ଦୀର୍ଘ ୧୧ ଦିନ ବ୍ୟାପୀ ଚାଲିବ। ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବିଶ୍ୱପ୍ରସିଦ୍ଧ ମହୋତ୍ସବ ପାଇଁ ସୋମବାରଠାରୁ ବରଗଡ଼ କଲ୍ୟାଣ ମଣ୍ଡପଠାରେ କଳାକାରଙ୍କ ଆଖଡ଼ା ଅଭ୍ୟାସ ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପଦେଷ୍ଟା କମିଟିର ନାଟ୍ୟ ନର୍ଦ୍ଦେଶକ ଅଶୋକ ବେହେରା, ନକୁଳ ବାଦୀ, ଭୁବନ ଭୋଇ, ପ୍ରଶାନ୍ତ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ଉପଜିଲ୍ଲାପାଳ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଜିର ଆଖଡ଼ାରେ ସମସ୍ତ କଳାକାର ଅଭ୍ୟାସ ଆରମ୍ଭ କରିଥିଲେ। ତେବେ ଚଳିତବର୍ଷ ଧନୁଯାତ୍ରା ଆହୁରି ଆମୋଦଦାୟକ କରାଯିବ ବୋଲି ଧନୁଯାତ୍ରା କମିଟିର ଆବାହକ ସୁରେଶ୍ୱର ଶତପଥୀ କହିଛନ୍ତି।

**ଥମୁନି ଦାଦନ ଦୁଃଖ**

# ଝାଡ଼ାବାନ୍ତିରେ ଜଣେ ମୃତ; ୫୦ ଆକ୍ରାନ୍ତ

**କଣ୍ଟାବାଞ୍ଜି, ୧୬ ।୧୨ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦାଦନ ଦୁଃଖ ଥମିବାର ନାଁ ନେଉନାହିଁ। ପେଟ ପୋଷିବା ପାଇଁ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ ଶବ ହୋଇ ଫେରୁଛନ୍ତି। ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଦାଦନ ଖଟିବାକୁ ପଡ଼ୋଶୀ ତେଲଙ୍ଗାନା ଯାଇଥିବା ତୁରେକେଲା ବ୍ଲକ୍ ମହୁଲବାହାଲି ଗାଁର ନରସିଂହ ପହରିଆ (୩୪)ଙ୍କର ସେଠାରେ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ଏହାସହ ୫୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି।



■ **ଡାକ୍ତରଖାନା ନେବା ବଦଳରେ ଝଡ଼ାଫୁଙ୍କା କରୁଛନ୍ତି ଇଟାଭାଟି ମାଲିକ**
■ **ତେଲଙ୍ଗାନାରୁ ଉଦ୍ଧାର ପାଇଁ ଶ୍ରମିକଙ୍କ ନିବେଦନ**

ସୂଚନାନୁସାରେ, ନରସିଂହ ଚଳିତବର୍ଷ ସ୍ଥାନୀୟ ଜଣେ ଦାଦନ ସର୍ଦ୍ଦାରଙ୍କଠାରୁ ୪୦ହଜାର ଟଙ୍କା ଅଗ୍ରିମ ଆଣି ତେଲଙ୍ଗାନା ରାଜ୍ୟ ବନଗିରି ଜିଲ୍ଲା ସୁରିଆପାଲି ଗାଁରେ ନରସୀମା ନାମକ ଜଣେ ଇଟାଭାଟି ମାଲିକଙ୍କ ଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ସେ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ନରସିଂହଙ୍କୁ ଭାଟି ମାଲିକ ଡାକ୍ତରଖାନା ନେବା ବଦଳରେ ସେଠାରେ ଗୁଣିଗାରେଡ଼ି କରି ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ କିଛି ଶ୍ରମିକ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ତେବେ ନରସିଂହଙ୍କ ଶବ ଗାଁକୁ ପଠାଇବାକୁ ଭାଟି ମାଲିକ ମନା କରୁଛି। ପରିବାରଲୋକଙ୍କୁ ଟଙ୍କା ଲୋଭ ଦେଖାଇ ସେଠାରେ ଦାହସଂସ୍କାର କରି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତୁରନ୍ତ ସେଠାରେ ଫସିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ସେମାନେ ଭିଡିଓ ଜରିଆରେ ନିବେଦନ କରିଛନ୍ତି। ପ୍ରକାଶ ଯେ, ବର୍ତ୍ତମାନ ସେଠାରେ କାମ କରୁଥିବା ପ୍ରାୟ ୫୦ ରୁ ଅଧିକ ଶ୍ରମିକ ଡାଇରିଆରେ ଆକ୍ରାନ୍ତ ହୋଇ ଗୁରୁତର ରହିଛନ୍ତି। ସେମାନଙ୍କୁ କୌଣସି ଚିକିତ୍ସା ସେବା ମିଳିପାରୁ ନାହିଁ। ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲ ଦାବି ହେଉଛି।

**ସ୍କୁଲ ବନ୍ଦ ପୂର୍ବରୁ ବନ୍ଦ କରିଦେଲେ ମଧ୍ୟାହ୍ନ ଭୋଜନ**

# ୧୫ ଦିନ ହେଲା ପିଲା ଖାଉଛନ୍ତି ମୁଢ଼ି-ପିଆଜ

**ବାଲେଶ୍ୱର,୧୬।୧୨ (ସମିସ):** ୧୫ ଦିନ ହେଲା ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ। ମୁଢ଼ି-ପିଆଜ ଖାଇ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ଫେରୁଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ପେଗରପଡ଼ାସ୍ଥିତ ଅନୁଦାନପ୍ରାପ୍ତ ସୁରେନ୍ଦ୍ରନାଥ ସାମଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏପରି ଏକ ଚିତ୍ର ସାମ୍ନାକୁ ଆସିଛି। ଏହାର ପ୍ରତିବାଦରେ ଆଜି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ସେମାନଙ୍କ କହିବା କଥା ହେଲା, ସ୍କୁଲରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ମୋଟ ୩୧ଜଣ ପିଲା ପାଠ ପଢୁଛନ୍ତି। ସ୍କୁଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଏବେ ଏହାକୁ ବନ୍ଦ କରିଦିଆଯିବ ବୋଲି ସୂଚନା ମିଳିଛି। କିନ୍ତୁ ବନ୍ଦ ନ ହେଉଣୁ, ଗତ ୧୫ ଦିନ ହେଲା ପିଲାଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରିଦିଆଯାଇଛି।

ଖାଲି ସେତିକି ନୁହେଁ, ପିଲାମାନଙ୍କୁ ସ୍କୁଲ ଡ୍ରେସ୍ ମଧ୍ୟ ପ୍ରଦାନ କରାଯାଉନାହିଁ। ସ୍କୁଲରେ ଦୁଇଜଣ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ସରକାରୀ ସ୍ତରରେ ଅବସର ଦିଆଯାଇଥିବା ବେଳେ ନୂତନ ଶିକ୍ଷକ ନିଯୁକ୍ତି ନହେବା ଫଳରେ ସେଠାରେ ଉଭୟଙ୍କୁ ଗ୍ରାମବାସୀ ଓ ପରିଚାଳନା କମିଟି ଦ୍ୱାରା ପୁନଃ ନିଯୁକ୍ତି ପ୍ରଦାନ କରାଯାଇଛି। ବିଦ୍ୟାଳୟର ଦୁଇ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଏବଂ ଶମ୍ଭୁନାଥ ବିଶ୍ୱାଳଙ୍କ ଅବସର ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ସେମାନଙ୍କୁ

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

ପୁନଃ ନିଯୁକ୍ତି ପ୍ରଦାନ କରି ତାହା ମଞ୍ଜୁର ପାଇଁ ଦଶମାସ ପୂର୍ବରୁ ବସ୍ତା ବିଇଓଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ।

ଏ ବାବଦରେ ଭୋଗରାଇ ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଅରୁଣ କୁମାର ଦାସ କହିଛନ୍ତି ଯେ ଆଜକୁ ୧୫ଦିନ ହେବ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଛି। ବାଧ୍ୟ ହୋଇ ପିଲାମାନେ ମୁଢ଼ି ଓ ପିଆଜ ଖାଉଛନ୍ତି। ସରକାରୀ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅବହେଳା ପାଇଁ ଏହି କୋମଳମତି ପିଲାମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନେ ବାଧ୍ୟ ହୋଇ ନିଜ ହକ୍ ପାଇଁ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି।

# ମାଣ୍ଡିପଙ୍କା ଜାଉ ମୃତକଙ୍କ ଫଟୋ ରଖି ରାଜଧାନୀରେ ଧାରଣା

## ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି

**ଭୁବନେଶ୍ୱର,୧୬ ।୧୨(ସମିସ):** ରାଜଧାନୀକୁ ଲେଉଟିଛି ମାଣ୍ଡିପଙ୍କା ଜାଉ କାହାଣୀ। ମାଣ୍ଡିପଙ୍କାରେ ଜାଉ ଖାଇ ମୃତ୍ୟୁବରଣ କରିଥିବା ୩ ମହିଳାଙ୍କ ଫଟୋ ରଖି କଂଗ୍ରେସ ଧାରଣାରେ ବସିଛି। ଉପଯୁକ୍ତ



କ୍ଷତିପୂରଣ ଦେବାରେ ସରକାର ଅବହେଳା କଲେ ଦଳ ଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଦେବ ଓ ଆସନ୍ତା ମାସରେ ପ୍ରବାସୀ ଭାରତୀୟଙ୍କ ଉତ୍ସବ କାଳରେ ସବୁ ପର୍ଯ୍ୟଟନସ୍ଥଳରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିବା କାହାଣୀକୁ ପ୍ରଚାର କରିବ ବୋଲି ଦଳ ଧମକ ଦେଇଛି।

କଂଗ୍ରେସ ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଆଜି ଲୋୟର ପିଏମ୍‌ଜିରେ ତିନି ମୃତ ମହିଳାଙ୍କ ଫଟୋ ଏବଂ ଆମ୍ବ ଟାକୁଆ ରଖି ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦାବି କରାଯାଇଛି। ଏଥିସହ ରାଜ୍ୟପାଳଙ୍କୁ ଏ ନେଇ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଦେଇ ଟାକୁଆ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ବୋଲି ମନ୍ତବ୍ୟ ଦେଉଥିବା ମନ୍ତ୍ରୀଙ୍କୁ ତୀବ୍ର ଭର୍ତ୍ସନା କରିଛି। ସରକାର ନିଜ ବିଫଳତା ସ୍ୱୀକାର କରି ଏହାକୁ

■ **ପ୍ରବାସୀ ଭାରତୀୟ ଉତ୍ସବ କାଳରେ ପ୍ରସଙ୍ଗ କରିବ କଂଗ୍ରେସ**
■ **ସବୁ ପର୍ଯ୍ୟଟନସ୍ଥଳରେ ଜାଉ କାହାଣୀକୁ ପ୍ରଚାର କରାଯିବ**

ସୁଧାରିବା ପରିବର୍ତ୍ତେ ଲୁଚାଇବାକୁ ଯଥେଷ୍ଟ ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି ।

ସଂଗଠନର ଜିଲ୍ଲା ସଂଯୋଜକ ପ୍ରତାପ କୁମାର ପ୍ରଧାନ କହିଛନ୍ତି ଯେ କ୍ଷତିପୂରଣ ପ୍ରଦାନ ଏବଂ ଅନ୍ୟ ଦାବି ନେଇ ଆମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲୁ; କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସେଥିପାଇଁ ଆମେ ଆଜି ବିଧାନସଭା ଆଗରେ ଧାରଣା ଦେଇଛୁ। କଂଗ୍ରେସ୍ ନେତା ବିଶ୍ୱଜିତ ଦାଶ କହିଛନ୍ତି, ସରକାର ଅବାନ୍ତର ଯୁକ୍ତି କରି ଚାଲିଛନ୍ତି। ନ ହେଲେ ଆମ୍ବ ଟାକୁଆ ଆଦିବାସୀଙ୍କ ପାରମ୍ପାରିକ ଖାଦ୍ୟ ବୋଲି ମନ୍ତ୍ରୀ ବାରମ୍ବାର କହି ନ ଥାନ୍ତେ। ସରକାର ମୃତ ମହିଳାଙ୍କ ପରିବାରକୁ ତୁରନ୍ତ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଅନ୍ତୁ। ସେମାନଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷାର ଦାୟିତ୍ୱ ସରକାର ନିଅନ୍ତୁ। ଠିକ୍ ସମୟରେ ହିତାଧିକାରୀଙ୍କ ପାଖରେ ଯେପରି ରାସନ ପହଞ୍ଚିବ ତାହା ସରକାର ସୁନିଶ୍ଚିତ କରନ୍ତୁ। ଏଥିରେ ଅବହେଳା କଲେ ସଂସଦ ଆଗରେ ଆମେ ଧାରଣା ଦେବୁ ବୋଲି ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ୍ ନେତା ଜୟଦେବ ଜେନା କହିଛନ୍ତି, ସରକାରଙ୍କ ମନ୍ତବ୍ୟ ନିନ୍ଦନୀୟ। ଯେଉଁ ବିଜେପି ନେତା ଏବଂ ମନ୍ତ୍ରୀ ଆମ୍ବ ଟାକୁଆ ପାରମ୍ପାରିକ ଖାଦ୍ୟ ବୋଲି କହୁଛନ୍ତି ସେମାନେ ଆମ୍ବ ଟାକୁଆ ଜାଉ ଖାଉ ନାହାନ୍ତି କାହିଁକି ? ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଥମେ ଜାଉ ଖାଆନ୍ତୁ। ଏହା ଠାରୁ ଲଜ୍ଜାଜନକ କଥା ଆଉ କିଛି ନାହିଁ। ସେହିପରି ପୂର୍ବତନ ବିଧାୟକ ସୁଧୀର ସାମଲ କହିଛନ୍ତି, ଜଣେ ଖାଦ୍ୟ ନ ପାଇଲେ ଆମ୍ବ ଟାକୁଆ ଖାଇବା ପାଇଁ ବାଧ୍ୟ ହେବ। ସରକାର ବାସ୍ତବତାକୁ କାହିଁକି ସ୍ୱୀକାର କରୁ ନାହାନ୍ତି। ମାଣ୍ଡିପଙ୍କା ଗ୍ରାମବାସୀଙ୍କ ନିକଟରେ ତିନି ମାସ ହେଲା ଚାଉଳ ପହଞ୍ଚି ନ ଥିଲା। ତଦନ୍ତ ନାମରେ ସମୟ ଗଡାଇ ଚାଲିଛନ୍ତି। ବିଜୁ ଜନତା ଦଳ ଏହା ବିରୋଧରେ ସ୍ୱର ଉଠାଇଛି ଆଉ ଆଗକୁ ବି ଲଢ଼ିବ।

# ୩୦ ବର୍ଷ ତଳ ମାମଲାରେ ୧୫ ଦୋଷୀଙ୍କୁ ଜେଲ୍, ଜରିମାନା

**ନିମାପଡ଼ା,୧୬।୧୨(ସମିସ):** ୧୯୯୪ ମସିହାରେ ନିମାପଡ଼ା ଥାନା ଅନ୍ତର୍ଗତ ବାମଝାଟିପାଟଣାରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ, ଲୁଟ୍ ଓ ଘରେ ନିଆଁ ଲଗାଇବା ମାମଲାର ବିଚାର କରି ନିମାପଡ଼ା ସହକାରୀ ଦୌରାଜଜ୍ ସଂଘମିତ୍ରା ବିଶ୍ୱାଳ ସୋମବାର ୧୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ଦଫା ୪୫୭ ଓ ୪୩୬ରେ ବିଚାରପତି ସମସ୍ତ ଦୋଷୀଙ୍କୁ ୫ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ଦୋଷୀମାନଙ୍କ ମଧ୍ୟରୁ ରମେଶ ବେହେରା ଓ ବିପିନ ବିହାରୀ ବେହେରାଙ୍କୁ ବିଚାରପତି ଦଫା ୩୯୭ରେ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ଦୋଷୀମାନେ ହେଲେ, ଦୁର୍ଯ୍ୟୋଧନ ବେହେରା, ପ୍ରମୋଦ କୁମାର ମେକାପ, ନରେନ୍ଦ୍ର ସାହୁ, ଲକ୍ଷ୍ମୀଧର ବେହେରା, ଜୟୀରାମ ବେହେରା, ରାମଚନ୍ଦ୍ର ପୃଷ୍ଟି, ବୁଲୁ କୁମାର ପୃଷ୍ଟି, ଶଙ୍କର ବେହେରା, ଦିଲ୍ଲୀପ ବାରିକ, ପ୍ରହ୍ଲାଦ ସାହୁ, ଦୁଃଶାସନ ବେହେରା, ଭାଗୀରଥି ସାହୁ ଓ ପ୍ରଭାକର ବେହେରା।

ସୂଚନାଯୋଗ୍ୟ, ୧୯୯୪ ଜୁଲାଇ ୨୨ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାମଝାଟିପାଟଣାର ଏହି ଅଭିଯୁକ୍ତମାନେ ଗାଁର ନିତ୍ୟାନନ୍ଦ ରଣାଙ୍କ ଘରେ ପଶି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ନିତ୍ୟାନନ୍ଦ ଏବଂ ତାଙ୍କ ପୁଅ ଆହତ ହେବା ପରେ ଗଣ୍ଡଗୋଳକାରୀମାନେ ଘରୁ ବିଭିନ୍ନ ସାମଗ୍ରୀ ଲୁଟ୍ କରିବା ସହ ନିଆଁ ଲଗାଇ ଦେଇଥିଲେ। ନିତ୍ୟାନନ୍ଦଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୁଲିସ କେସ ନଂ ୧୬୫/୯୪ରେ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାଟି ଦୀର୍ଘ ୩୦ବର୍ଷ ଧରି ବିଚାର ଚାଲିବା ପରେ ପରେ ଆଜି ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ଅତିରିକ୍ତ ପିପି ବ୍ରହ୍ମାନନ୍ଦ ପ୍ରଧାନ ପରିଚାଳନା କରୁଥିଲେ।

## ଧାନ ଚାଲାଣବେଳେ ଚଢ଼ଉ; ୪ ଗାଡ଼ି ଜବତ



**ଦିଗପହଣ୍ଡି,୧୬ ।୧୨(ସମିସ):** ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୩ ତାରିଖ ଠାରୁ ଧାନମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ରହିଥିବା ବେଳେ ସୋମବାର ଆନ୍ଧ୍ରକୁ ଧାନ ଚାଲାଣ ବେଳେ ଦିଗପହଣ୍ଡି ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ତହସିଲଦାର ଅନୀତା ସାହୁ ଓ ଯୋଗାଣ ନୀରିକ୍ଷକ ବ୍ରଜେଶ୍ୱର ରାୟ ଚିକିଟି-ଦିଗପହଣ୍ଡି ମୁଖ୍ୟ ରାସ୍ତାର କଲ୍ୟାଣପୁର ନିକଟରେ ୪ଟି ଧାନ ବୋଝେଇ ଗାଡ଼ିକୁ ଅଟକାଇ ଖୋଳତାଡ଼ ପରେ ଦିଗପହଣ୍ଡି ଥାନାକୁ ଆଣିଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ୪ଟି ଜବତ ଗାଡ଼ିର କାଗଜପତ୍ର ଯାଞ୍ଚ ପରେ ସେଗୁଡ଼ିକୁ ଛାଡି ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ବିଳମ୍ବରେ ମଣ୍ଡି ଖୋଲିବା ଦ୍ୱାରା ଅମଳ ଧାନକୁ ଚାଷୀ ଶୀତ କାକରରେ ବିଲରେ ଜଗି ରହିବା କଷ୍ଟକର ହୋଇପଡୁଛି। ଫଳରେ ଚାଷୀ ଶାଗ ମାଛ ଦରରେ ସେମାନଙ୍କ ଉତ୍ପାଦିତ ଧାନକୁ ଆନ୍ଧ୍ର ଦଲାଲଙ୍କୁ ବିକ୍ରୀ କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି।

# ମାଣ୍ଡିପଙ୍କା ପୀଡ଼ିତ ପରିବାରଙ୍କୁ କ୍ଷତିପୂରଣ ଦାବି

### ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଧାରଣା

**ଫୁଲବାଣୀ,୧୬।୧୨(ସମିସ)**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ କନ୍ଧମାଳ ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଭାପତି ପ୍ରଧାନ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି। ଧାରଣାରେ ଜିଲ୍ଲାର ମହିଳା ଅଂଶଗ୍ରହଣ କରି ଆମ୍ବଟାକୁଆ ପ୍ରଦର୍ଶନ କରିଥିଲେ। ଆମ୍ବ ଟାକୁଆ ଜାଉ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ବୋଲି ବିଜେପି ନେତା ଦେଇଥିବା ବୟାନକୁ ତୀବ୍ର ସମାଲୋଚନା କରିଥିଲେ ସଙ୍ଗଠନ ନେତା।



କନ୍ଧମାଳ ଓ କୋରାପୁଟର ଆଦିବାସୀ, ଭୋକ ବିକଳରେ ଆମ୍ବ ଟାକୁଆ ଜାଉ ଖାଆନ୍ତି । ସେମାନଙ୍କ ପାଖରେ ରୋଜଗାର ପାଇଁ କୌଣସି କର୍ମସଂସ୍ଥାନ ନାହିଁ । ରାସନ ଚାଉଳ ନିୟମିତ ଯୋଗାଇ ଦିଆଯାଉ ନାହିଁ । ଏପରିକି ଶୁଦ୍ଧ ପାନୀୟ ଜଳ ମଧ୍ୟ ସେମାନଙ୍କ ପାଖରେ ନାହିଁ ବୋଲି ସଭାପତି ଶ୍ରୀ ପ୍ରଧାନ କହିଥିଲେ। ସଙ୍ଗଠନ ପକ୍ଷରୁ ଏ ଅବସରରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୃତକଙ୍କ ପରିବାର ବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ପ୍ରତି ଅସୁସ୍ଥ ମହିଳାଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦାବି କରାଯାଇଛି। ସେହିଭଳି କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ଆଦିବାସୀ ବ୍ୟକ୍ତିଙ୍କୁ ଏବଂ ଗରୀବ ଲୋକଙ୍କୁ ମାସକୁ ୨୫ କେଜି ଚାଉଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ନିୟମିତ ଦିଆଯିବା ପାଇଁ ଦାବି କରାଯାଇଛି।

ଆଦିବାସୀଙ୍କ ଜୀବନ ଯାପନର ମାନ ବୃଦ୍ଧି ପାଇଁ ୧୦୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା, ୫୦୦ କୋଟି ଟଙ୍କା ବିନିମୟରେ କନ୍ଧମାଳ ଜିଲ୍ଲାରେ ମେଗା ଫୁଡ଼ପାର୍କ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ଟିକାବାଲିର ମାଳ ବାଣିଜ୍ୟ ସମବାୟ ସମିତିକୁ ୧୦୦ କୋଟି ଟଙ୍କାର ଅନୁଦାନ ଦେଇ ପୁନରୁଦ୍ଧାର ପାଇଁ ମଧ୍ୟ ଦାବି ରଖିଛି ସଙ୍ଗଠନ। କନ୍ଧମାଳରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ଆମ୍ବଟାକୁଆ ଜନିତ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଆଦିବାସୀମାନଙ୍କୁ ସ୍ୱାସ୍ଥ୍ୟସେବା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ନିଶ୍ଚିତ କରାଯିବା ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି। ସଭାପତି ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ୟାସିର ନୱାଜ, ଉଦିତ ପ୍ରଧାନ, ମନୋଜ ବିଶ୍ୱାଳ, ବିଶ୍ୱଜିତ ଦାସ, ସୁବ୍ରତ ମହାପାତ୍ର, ସୁବାସ ପ୍ରଧାନ, ଶ୍ରୀୟାସ୍ମିତା ପଣ୍ଡା, ତାପସ ସେଠୀ, ପ୍ରଦ୍ୟୁମ୍ନ ଦାସ, ନିରଞ୍ଜନ ଲେଙ୍କା, ବିଜୟ ପ୍ରଧାନ, ଅଭିଷେକ ଦଳବେହେରା, ଯୁଗଳ ନାୟକ ଓ ବଳଭଦ୍ର ଦିଗାଲ ଅଂଶଗ୍ରହଣ କରିଥିଲେ ।

### ନିୟମିତ ହେବାର ୧୭ ମାସ ବିତିଗଲା

## ବକେୟା ଦରମା ପାଇନାହାନ୍ତି ମାଧ୍ୟମିକ ଶିକ୍ଷକ

**ବ୍ରହ୍ମପୁର,୧୬ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ନିୟମିତ ମାଧ୍ୟମିକ ଶିକ୍ଷକ ସଂଘ (ଇଏକ୍ସ-ଆଇଏ)ର ଏକ କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିୟମିତ ହେବାର ୧୭ ମାସ ଅତିବାହିତ ହେଲା ପରେ ମଧ୍ୟ ଉକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବକେୟା ଦରମା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇନଥିବା ଏଠାରେ ଅଭିଯୋଗ ହୋଇଛି। ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମଧ୍ୟ କୁହାଯାଇଛି। ସରକାରୀ ଆଦେଶ ମୁତାବକ ୨୦୨୨ମସିହା ଅକ୍ଟୋବର ୧୭ତାରିଖରେ ନିୟମିତ ହୋଇଥିଲେ। ଏହି ସମୟରେ ଅନେକ ଖୁସି ଦେଖିବାକୁ ମିଳିଥିଲା।

**ଜିଲ୍ଲା ଶିକ୍ଷା ପ୍ରଶାସନର ଅବହେଳା ଅଭିଯୋଗରେ ଆନ୍ଦୋଳନ ସଜବାଜ**

ତତ୍କାଳୀନ ସରକାରକୁ ଧନ୍ୟବାଦ ମଧ୍ୟ ଦେଇଥିଲେ। ହେଲେ ଶିକ୍ଷା ପ୍ରଶାସନର ଅବହେଳା କାରଣରୁ ଜିଲ୍ଲାରେ କାର୍ଯ୍ୟରତ ଥିବା ୧୫୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବକେୟା ଦରମା ପ୍ରଦାନ କରିବାରେ ତୁରନ୍ତ ଯଦି କିଛି ପଦକ୍ଷେପ ନି ନିଆଯାଏ ତେବେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାରଣା ଏଠାରେ ଚେତାବନୀ ଦେଇଛନ୍ତି।

ଆଗାମୀ ଜାନୁୟାରୀ ପ୍ରଥମ ସପ୍ତାହରେ ସଂଘର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏକ୍ରତିତ ରାଜ୍ୟ ମାନବ ଅଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେବେ ବୋଲି ଉପଦେଷ୍ଟା ସନ୍ତୋଷ କୁମାର ସ୍ୱାଇଁ, ଉପସଭାପତି ଧିରେନ୍ଦ୍ର କୁମାର ସ୍ୱାଇଁ, ସିମାଞ୍ଚଳ ସାହୁ, ରାମକୃଷ୍ଣ ମହାପାତ୍ର, ଜଗବନ୍ଧୁ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ଝିଅ ମୃତ, ବାପା ମା' ଆହତ

**ରଙ୍ଗେଇଲୁଣ୍ଡା,୧୬ ।୧୨(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ କନିସି ହାଟରେ ସୋମବାର ଗାଇ ସହ ବାଇକ ଧକ୍କା ହୋଇଛି। ଫଳରେ ଜଣେ ଏକ ବର୍ଷର ଶିଶୁ କନ୍ୟା ମୃତ୍ୟୁ ଘଟିଛି। ମୃତକ ହେଲେ ହିଞ୍ଜିଳି ଥାନା ଅଧିନସ୍ଥ ଖଲିଙ୍ଗି ଗ୍ରାମ ଭକ୍ତି ମହାନ୍ତି (୧) ବୋଲି ଜଣାପଡିଛି। ଖଲିଙ୍ଗି ଗ୍ରାମର ଶିବରାମ ମହାନ୍ତି, ସ୍ତ୍ରୀ ଓ ଏକ ବର୍ଷର କନ୍ୟା ଭକ୍ତି ବାଇକ ଯୋଗେ ସୋମବାର ପୂର୍ବାହ୍ନରେ ସମୟରେ ବାହାରି ୧୬ନଂ ଜାତୀୟ ରାଜପଥ ଦେଇ ପାଟପୁର ଅଭିମୁଖେ ଯାଉଥିବା ବେଳେ କନିସି ହାଟ ନିକଟରେ ହଠାତ ଏକ ଗାଇ ଶିବ ରାମ ବାଇକ ସମୁଖକୁ ଆସିଯାଇଥିଲା। ଫଳରେ ଶିବରାମ ଓ ସ୍ତ୍ରୀ ବର୍ତ୍ତି ଯାଇଥିବା ବେଳେ ଭକ୍ତି ଗୁରୁତର ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମଥୁ୍ୟ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାସହ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ ପାଳିତ



**ଜଗନ୍ନାଥପ୍ରସାଦ,୧୬ ।୧୨(ସମିସ):** ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଓ ସଚେତନତା ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାସ କିରଣ କୁମାର, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ମହେନ୍ଦ୍ର ପଣ୍ଡା, ବିପିଏମ ହୃଷୀକେଶ ବିଷୋୟୀ, ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସାମ୍ବାଦିକ ଚନ୍ଦ୍ରକେତୁ ରାଉତ ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ପରିଚ୍ଛନ୍ନତା ପାଇଁ ମେଡିକାଲ କାର୍ଯ୍ୟକାରୀ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ଧବଳେଶ୍ୱର ବେହେରା ଅତିଥି ଏବଂ ଉପସ୍ଥିତ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ସଭା ପରେ ସମସ୍ତ କର୍ମଚାରୀ ମାକରଞ୍ଜେଇ ମନ୍ଦିର, ବଜାର ଦେଇ ବ୍ଲକ ପର୍ଯ୍ୟନ୍ତ ସ୍ଲୋଗାନ ସହ ସଚେତନତା ରାଲି କରିଥିଲେ। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଚିତ୍ରସେନ ନାୟକ, ସମସ୍ତ ମେଡିକାଲ କର୍ମଚାରୀ, ଆରବିଏସକେ ଟିମ, ଏନଜିଓ ନିର୍ଦ୍ଦେଶ ଓ ଗ୍ରାମବିକାଶ, ବଣିକ ସଙ୍ଘ ସଭ୍ୟ, ସାମ୍ବାଦିକ, ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ, ପିଆରଆଇ ମେମ୍ବର, ସମାଜସେବୀ ମାନସ ରଞ୍ଜନ ଗୌଡ଼, ପି ସନ୍ୟାସୀ ରାଓ, ବରୁଣ ସେଠୀ, ସିପୁନ ରଥଙ୍କ ସମେତ ଶତାଧିକ ଶୁଭେଚ୍ଛୁ ସାମିଲ ହୋଇଥିଲେ।

## ୧୦୮ ପ୍ରହର ମହାଯଜ୍ଞର ଶୁଭଖୁଣ୍ଟି ସ୍ଥାପନ



**ବେଲଗୁଣ୍ଠା,୧୬ ।୧୨(ସମିସ):** ରଘୁନାଥ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଅବସରରେ ଆସନ୍ତା ଜାନୁୟାରୀ ମାସ ୧୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ ବେଲଗୁଣ୍ଠା ବ୍ଲକ ବଡ଼ ବୋର୍ସିଂ ଗ୍ରାମରେ ଅନୁଷ୍ଠିତ ହେବ ୧୦୮ ପ୍ରହର ପଞ୍ଚ ମହାଯଜ୍ଞ। ଏହି ଅବସରରେ ଗ୍ରାମରେ ଅଖଣ୍ଡ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଗୋ ଯଜ୍ଞ ଅନୁଷ୍ଠିତ ହେବ। ଏହି ପ୍ରରିପ୍ରେକ୍ଷୀରେ ସୋମବାର ଶୁଭ ଖୁଣ୍ଟି ସ୍ଥାପନ କରାଯିବା ସହିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାମ ଯଜ୍ଞରେ ବଡ଼ ବୋର୍ସିଂ ସମେତ ଖାରୀଗୁଡା, ଦଦରଲୁଣ୍ଡା, ବାଘୁଆ ପଲ୍ଲୀ, ସାର୍ଦ୍ଧୁଳ, ସୋଲଣ୍ଡି ଏବଂ ଖରିଡ଼ା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଅଂଶ୍ରଗହଣ କରିବାକୁ ଥିବା ବେଳେ ପ୍ରବଚକ ରୂପେ ପୁରୀରୁ କଥାରତ୍ନ ଜ୍ଞାନ ରଞ୍ଜନ ଜେନା, କଟକ ନିଶ୍ଚିନ୍ତକୋଇଲିରୁ ଡଃ ସତ୍ୟରଞ୍ଜନ ରଥ ଏବଂ ଗହଙ୍ଗୁରୁ ମହନ୍ତ ରାଘବାନନ୍ଦ ଦାସଜୀ ମହାରାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଉପମୁଖ୍ୟମନ୍ତ୍ରୀଙ୍କ ବିମାନବନ୍ଦର ପରିଦର୍ଶନ

**ବ୍ରହ୍ମପୁର,୧୬ ।୧୨(ସମିସ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ରବିବାର ଭୁବନେଶ୍ୱରରୁ ମାଲକାନଗିରି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିବା ବେଳେ ସୋମବାର ହେଲିକେପ୍ଟର ଯୋଗେ ଭୁବନେଶ୍ୱର ଫେରୁଥିଲେ। ଏତିକିବେଳେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ କିଛି ସମୟ ପାଇଁ ଅବତରଣ କରି ବିମାନବନ୍ଦର ସ୍ଥିତି ଦେଖିଥିଲେ। ଏଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଧିନା ଦସ୍ତାଗିର, ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମଙ୍କ ସମେତ ଅଧିକାରୀ ଉପସ୍ଥିତ ରହି ସ୍ୱାଗତ ଜଣାଇବା ସହ କିଛି କର୍ମଚାରୀଙ୍କ ସହ ଫଟୋ ଉତ୍ତୋଳନ କରିଥିବା ଦେଖିବାକୁ ମିଳିଛି।



### ମହିଳାଙ୍କ ଆତ୍ମହତ୍ୟା ମାମଲା

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର,୧୬ ।୧୨(ସମିସ):** ଜଣେ ମହିଳାଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରି ଉପଯୁକ୍ତ ପ୍ରମାଣ ଅଭାବରୁ ସିଜେଏମ ପ୍ରଦୀପ କୁମାର ପ୍ରଧାନ ମୃତ ମହିଳାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ହେଲେ ହିଂଜିଳିକାଟୁ କଣ୍ଟେଇକୋଳି ଗ୍ରାମର ସଂଗ୍ରାମ କେଶରୀ ସାହୁ (୩୮)। ସୂଚନାଯୋଗ୍ୟ ଯେ, ସଂଗ୍ରାମ କେଶରୀ ସାହୁ ୨୦୧୫ମସିହା ଏପ୍ରିଲ ୨୨ତାରିଖରେ ହିଂଜିଳିକାଟୁ ଭଞ୍ଜମାର୍ଗର ତପନ କୁମାର ସାହୁଙ୍କ ଝିଅ ଶିବାନୀ କୁମାରୀ ସାହୁଙ୍କୁ ବିବାହ କରିଥିଲେ। ସେ ରେଳବିଭାଗର କର୍ମଚାରୀ ଥିଲେ। ବିବାହ ବେଳେ ଯୌତୁକ ବାବଦକୁ ୧ଲକ୍ଷ ଟଙ୍କା, ଦୁଇ ଭରି ଓଜନର ସୁନା ଚେନ ଓ ମୁଦି ଦିଆଯାଇଥିଲା। ସେହିପରି ଝିଅକୁ ୧୦ଭରି ଓଜନର ସୁନା ଗହଣା ମଧ୍ୟ ଦିଆଯାଇଥିଲା। ବିବାହର ବର୍ଷକ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ସଂଗ୍ରାମ ନିଜ ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ୨୦୨୦ରେ ଉଭୟ ସ୍ୱାମୀ ଓ ସ୍ତ୍ରୀ କନିଷିରେ ଏକ ଘର ଭଡା ନେଇ ସେଠାରେ ରହିଲେ। ୨୦୨୨ମସିହା ଅଗଷ୍ଟ ୧୦ତାରିଖ ଅପରାହ୍ନରେ ଶିବାନୀ ଆତ୍ମହତ୍ୟା କରିଥିବା ଖବର ସଂଗ୍ରାମ ତାଙ୍କ ଶଶୁରଙ୍କୁ ଫୋନରେ ଜଣାଇଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଗ୍ରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଥାନା ଏସଏଇ ତଥା ତଦନ୍ତକାରୀ ଅଧିକାରୀ ଜ୍ଞାନ ରଞ୍ଜନ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ. ରାମକୁମାର ଓ ଅଶୋକ କୁମାର ଶୁକ୍ଳ ମକଦ୍ଦମା ପରିଚାଳନା କରୁଥିଲେ।

### ■ ୨୧ବର୍ଷ ପରେ ଚୂଡ଼ାନ୍ତ ରାୟପ୍ରକାଶ

## ହତ୍ୟା ଉଦ୍ୟମକାରୀଙ୍କୁ ୫ବର୍ଷ ଜେଲ୍

ବ୍ରହ୍ମପୁର,୧୬ ।୧୨(ସମିସ): ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମାଙ୍କ କୋର୍ଟରେ ସୋମବାର ଏକ ହତ୍ୟା ଉଦ୍ୟମ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ନେହରୁ ନଗର ୭ମ ଗଳି ନିବାସୀ ମିରା ଖାନ((୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଏବଂ ୧୧ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ରେଳ ଷ୍ଟେସନରେ ଏକ ଚାହା ଦୋକାନ ପକାଇବା ପାଇଁ ଦୁଇଗୋଷ୍ଠି ଯୁବକଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ୨୦୦୩ମସିହା ମେ ୫ତାରିଖରେ କାଳିଆ ବେହେରା ଷ୍ଟେସନରେ ବିଶ୍ରାମ ନେଉଥିଲେ। ସେହି ସମୟରେ ମିରା ଖାନ ଓ ତାଙ୍କର ୩ଜଣ ସହଯୋଗୀ ସେଠାରେ ପହଞ୍ଚି କାଳିଆଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଚମ୍ପଟ ମାରିଥିଲେ। ପରେ ବାବୁ ବେହେରା ଏନେଇ ରେଳବାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ନେହୁରୁ ନଗର ୭ମ ଗଳିରେ ରହୁଥିବା ମିରା ଖାନ, ସାଲୁ ଖାନ, ସ୍ୱାଧୀନ କୁମାର ବିଷୋୟୀ ଓ ମୋହନ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସମସ୍ତଙ୍କୁ ଜାମିନ ମିଳିଥିଲା। ବିଚାରଣା ଚାଲିଥିବା ବେଳେ ସାଲୁ ଖାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସ୍ୱାଧୀନ ଓ ମୋହନ କୋର୍ଟରେ ହାଜର ହୋଇନଥିଲେ। ଯାହାଫଳରେ କୋର୍ଟ ଉଭୟଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ମାମଲାର ବିଚାରଣା ବେଳେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ମିରା ଖାନ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଉକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

**● ଚାହା'ଦୋକାନ ପାଇଁ ଷ୍ଟେସନରେ ଯୁବକଙ୍କୁ ହୋଇଥିଲା ହତ୍ୟା ଉଦ୍ୟମ**

## ନିର୍ମାଣାଧୀନ ଘରୁ ଚୋରି

**ବ୍ରହ୍ମପୁର,୧୬ ।୧୨(ସମିସ):** ଏକ ନିର୍ମାଣ ଘରର ସେଡ଼ରୁମ ଭିତରୁ ଲକ୍ଷାଧିକ ଟଙ୍କାର ଘର କରଣା ସାମଗ୍ରୀ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଆଙ୍କୁଲି ନିଗମ ନଗର ୭ମ ଗଳି ନିବାସୀ ଗୋପାଳ ଚନ୍ଦ୍ର ପଲାଇ ଲକ୍ଷ୍ମୀନଗର ୪ର୍ଥ ଲାଇନରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି। ସେଠାରେ ସେ ଏକ ସେଡ଼ରୁମ କରି ଗୃହ ନିର୍ମାଣ ପାଇଁ ଆବଶ୍ୟକ ସରଞ୍ଜାମ ଗଚ୍ଛିତ ରଖିଥିଲେ। ଶନିବାର ସେ ସେଠାକୁ ଯାଇ ଦେଖିବା ବେଳେ ସେଡ଼ରୁମର ତାଲା ଭଙ୍ଗା ଯାଇଥିଲା। ସେଠାରେ ଥିବା ଦୁଇଟି ପାଣି ମୋଟର, ଲୁହାଛଡ଼ କାଟିବା ପାଇଁ ବ୍ୟବହୃତ ମେସିନ, ବିଦ୍ୟୁତ ତାର ବଣ୍ଡଲ ଓ ଲୁହଛଡ଼ ଆଦି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ୧୪ତାରିଖ ବିଳମ୍ବିତ ରାତିରେ ସେଡର ତାଲା ଭାଙ୍ଗି ଉକ୍ତ ସାମଗ୍ରୀ ଚୋରି କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

# ଖରିଫ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ସଭା

**ଦିଗପହଣ୍ଡି,୧୬ ।୧୨(ସମିସ)**

ଦିଗପହଣ୍ଡି ସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ସଭାଗୃହରେ ଖରିଫ ଧାନ ସଂଗ୍ରହ ସକାଶେ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥ ôଭାବେ ଯୋଗ ଦେଇଥିଲେ। ସେହିପରି ନୋଡାଲ ଅଧିକାରୀ ତଥା ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁ , ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଯୋଗାଣ ନୀରିକ୍ଷକ ବ୍ରଜେଶ୍ୱର ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ କୁମାର ମିଶ୍ର ସଂଯୋଜନା କରିଥିଲେ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସି ରେ ୨୩ଟି ପ୍ରାଥମିକ ସେବା ସମବାୟ ସମିତି ଓ ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି ।୨୦୨୪-୨୫ ବଜାର ବର୍ଷରେ ଚାଷୀଙ୍କ ଉତ୍ପାଦିତ ଖରିଫ ଧାନକୁ ସରକାରଙ୍କ ନିର୍ଦ୍ଧାରିତ ଦରରେ କିପରି କିଣାଯାଇପାରିବ, ଅମଳ ଧାନକୁ ଦଲାଲଙ୍କ ଜରିଆରେ ରାଜ୍ୟ ବାହାରକୁ ନ ପଠାଇ ମଣ୍ଡିକୁ ଚାଷୀ କିପରି ସୁରକ୍ଷିତ ଭାବେ ଆଣିବେ ସେନେଇ ସଭାରେ ଆଲୋଚନା କରାଯାଇଥିଲା। ଅମଳ ପରେ ଚାଷୀଙ୍କ ଠାରୁ ସଂଗୃହିତ ଧାନ ପ୍ରଥମେ ସେବା ସମବାୟ ସମିତି କାର୍ଯ୍ୟାଳୟ ଗୁଡିକରେ ରଖାଯିବ। ସେଠାରେ ପଞ୍ଜୀକୃତ ଚାଷୀଙ୍କ ଉତ୍ପାଦିତ ଧାନର ନମୂନା ପରୀକ୍ଷଣ ପରେ ଗୁଣାତ୍ମକ ଧାନକୁ ନିର୍ଦ୍ଧାରିତ ମିଲରଙ୍କ ପାଖକୁ ପଠାଯିବ ବୋଲି ତହସିଲଦାର ଚାଷୀଙ୍କୁ ବୁଝାଇଥିଲେ। ଚଳିତ ବର୍ଷ ସାଧାରଣ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩ ଶହ ଟଙ୍କା ରହିଛି। ତେଣୁ ଚାଷୀ କିଭଳି ସରକାରଙ୍କ ନିର୍ଦ୍ଧାରିତ ଦରରେ ସେମାନଙ୍କ ଉତ୍ପାଦିତ ଖରିଫ ଧାନ ସୁବିଧାରେ ବିକ୍ରୟ କରିପାରିବେ ସେନେଇ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ସଭାରେ ବ୍ରହ୍ମପୁର ଏସିଏସ୍‌ଓ ସକଳେଶ୍ୱର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ମହାକୁଡ଼, ସଞ୍ଜୁକ୍ତା କବି, ପୂର୍ବତନ ସରପଞ୍ଚ କେ . ହରିବନ୍ଧୁ ରେ‡ୀ, ଅସିତ କୁମାର ସାହୁ, ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ରଞ୍ଜନ କୁମାର ସାହୁ, ବିଜୟ ପ୍ରଧାନ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ସନ୍ତୋଷ ଦୋରା, ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ରାଜେନ୍ଦ୍ର ପ୍ରସାଦ ପାଠୀ, ମନୋଜ କୁମାର ସାହୁଙ୍କ ସମେତ ବହୁ ପଞ୍ଜୀକୃତ ଚାଷୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସେବା ସମବାୟ ସମ୍ପାଦକ ଉପସ୍ଥିତ ଥିଲେ।



## ଅସଦାଚାରଣ ମାମଲା; ଅଭିଯୁକ୍ତକୁ ୩ ବର୍ଷ ଜେଲ୍

**ବ୍ରହ୍ମପୁର,୧୬ ।୧୨(ସମିସ):** ସ୍ୱତନ୍ତ୍ର ପକସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ଅସଦାଚାରଣ ମାମଲାର ଶୁଣାଣି କରି ହିଂଜିଳିକାଟୁ ଅଞ୍ଚଳର ମନୋଜ ବିଷୋୟୀ(୩୨)ଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମସ ଜେଲଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପିଡ଼ିତା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଡ଼ିଏଲଏସଏଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ହିଂଜିଳିକାଟୁ ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ନାବାଳିକା ଛାତ୍ରୀ ଜଣକ ୮ମ ଶ୍ରେଣୀରେ ପଢୁଥିଲେ। ସେ ସ୍କୁଲ ଓ ଟିଉସନ ଯିବା ସମୟରେ ରାସ୍ତାରେ ଜଣେ ଯୁବକ ତାଙ୍କୁ ପ୍ରେମ କରୁଥିବା କହି ବିବାହ କରିବାକୁ ପ୍ରସ୍ତାବ ଦେଉଥିଲେ। ୨୦୧୭ମସିହା ଅଗଷ୍ଟ ୫ତାରିଖରେ ଛାତ୍ରୀଜଣକ ସାଇକେଲରେ ଟିଉସନ ଯାଉଥିବା ବେଳେ ଯୁବକ ଜଣକ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ପରେ ନାବାଳିକାଙ୍କ ହାତ ଧରି ଭିଡିନେବା ସହ ବିବାହ କରିବାକୁ କହିଥିଲେ। ଏପରିକି ତାଙ୍କୁ ଏକ ମୋବାଇଲ ଓ କାଗଜରେ ମୋବାଇଲ ନମ୍ବର ଲେଖି ତାଙ୍କୁ ଦେବା ସହ ଫୋନ କରିବାକୁ କହିଥିଲେ। ଫୋନ ନକଲେ ଉଠାଇନେବାର ଧମକ ଦେଇଥିଲେ। ଛାତ୍ରୀ ଜଣକ ଏନେଇ ତାଙ୍କ ବାପାଙ୍କୁ କହିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମନୋଜ ବିଷୋୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଯଶକେତନ ଭୋଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ମାନ୍ୟବର କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ତୁମ୍ବେଶ୍ୱର ମନ୍ଦିର ପରିସରରୁ ଶିଳାଲେଖା ଉଦ୍ଧାର

ପୁରୁଷୋତ୍ତମପୁର, ୧୬ ।୧୨(ସମିସ)



ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମ ସ୍ଥିତ ପ୍ରସିଦ୍ଧ ତୁମ୍ବେଶ୍ୱର ଶୈବ ପୀଠରେ ଉନ୍ନତୀକରଣ କାର୍ଯ୍ୟ ଚାଲିଛି । ସେଠାରେ କାର୍ଯ୍ୟପାଇଁ ଖନନ ବେଳେ ମନ୍ଦିର ପ୍ରବେଶ ଦ୍ୱାରରୁ ଏକ ପ୍ରାଚୀନ ଶିଳାଲେଖା ପ୍ରାୟ ଏକ ଫୁଟ ଚଉଡା ଚାରି ଫୁଟ ଲମ୍ବା ବିଶିଷ୍ଟ ଏକ ଚଟାଣ ସଦୃଶ ପଥର ଉପରେ ଶିଳାଲେଖା ଉଦ୍ଧାର ହୋଇଛି । ଏହି ପଥରରେ ଖୋଦିତ ଶିଳାଲେଖାକୁ ନେଇ ବିଶିଷ୍ଟ ଐତିହାସିକ ଗବେଷକ ଡଃ ଅନନ୍ତ ରାମ କର ଦଶମ ଶତାବ୍ଦୀ (୧୧୨୦) ମସିହାରେ ମନ୍ଦିର ନିର୍ମାଣ ସମୟର ଦକ୍ଷିଣ ଭାରତୀୟ ଲିପିରେ ଖୋଦିତ ବୋଲି ସୂଚନା ଦେଇଛନ୍ତି । ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ଏହି ମନ୍ଦିର ପୁରୀ ମନ୍ଦିରର ସମସାମୟିକ ବୋଲି ଇତିହାସ ଗବେଷକ କହିଛନ୍ତି । କଳିଙ୍ଗର ପୂର୍ବ ଅଞ୍ଚଳ ପ୍ରତାପପୁରକୁ ପୂର୍ବଖଣ୍ଡର ଜନବସତି ଅଞ୍ଚଳ ଭାବେ ପରିଚିତ ପବିତ୍ର ଋଷିକୂଲ୍ୟା ନଦୀତଟରେ ତୁମ୍ବେଶ୍ୱର ଶିବମନ୍ଦିର ପ୍ରତିଷ୍ଠା କରିଥିଲେ । ୧୯୫୦ ମସିହାରେ ଡଃ ସତ୍ୟନାରାୟଣ ରାଜଗୁରୁ ଏହି ଶିଳାଲେଖକୁ ଅନୁବାଦ କରିଥିବା ବେଳେ ବର୍ତ୍ତମାନ ଇତିହାସ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଦ୍ୱିତୀୟବାର ଅନୁବାଦ କରିବା କାର୍ଯ୍ୟକ୍ରମ ରହିଛି । ଏହି ଶିଳାଲେଖା ଦେଖାଦେବା ପରେ ସ୍ଥାନୀୟ ଜନପ୍ରତିନିଧି ପ୍ରତ୍ନତତ୍ତ୍ୱ ବିଭାଗଙ୍କ ଦୃଷ୍ଟି ଗୋଚର କରିଛନ୍ତି । ରାଜ୍ୟ ଐତିହ୍ୟ ସଂସ୍କୃତି ବିଭାଗ, ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହି ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ଦେବାସହ ପ୍ରଚାର ପ୍ରସାର ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# କନକଦୁର୍ଗା ମନ୍ଦିରରୁ ୯ ମୂର୍ତ୍ତି ଚୋରି



କବିସୂର୍ଯ୍ୟନଗର, ୧୬ ।୧୨(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ମନ୍ଦିର ଉପରେ ଏବେ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ସେଥିପାଇଁ ଗତ କିଛି ଦିନ ହେଲା ପୁଲିସ ଆଖିରେ ଧୂଳି ଦେଇ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରୁଛନ୍ତି । ପୂର୍ବରୁ କବିସୂର୍ଯ୍ୟନଗର ଛିନ୍ନମସ୍ତା ମନ୍ଦିର ଚୋରି, ସୋରଡ଼ା ତିନୋଟି ମନ୍ଦିର ଚୋରି, ଇଷ୍ଟଦେବୀ ମା'ତାରାତାରିଣୀ ମୁକୁଟ ଚୋରି ଘଟଣା ପରେ ରବିବାର ରାତିରେ ଆଠଗଡ଼ପାଟଣା କନକଦୁର୍ଗା ମନ୍ଦିରର ୯ଟି ମୂର୍ତ୍ତି ଚୋରି ହୋଇଛି । ଏହି ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି । ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା କନକଦୁର୍ଗା ମନ୍ଦିରରୁ କେହି ଦୁର୍ବୃତ୍ତ ଅଷ୍ଟଧାତୁ ନିର୍ମିତ ମା' କନକଦୁର୍ଗା ମୂର୍ତ୍ତି ସମେତ ୯ମୂର୍ତ୍ତି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ରବିବାର ରାତିରେ ପୂଜାରୀ ମନ୍ଦିରରେ ତାଲା ପକାଇ ଘରକୁ ଚାଲିଯାଇଥିଲେ । ସୋମବାର ସଂକ୍ରାନ୍ତି ହେତୁ ବହୁ ଭକ୍ତଙ୍କ ଦର୍ଶନ ଲାଗି ଭିଡ଼ ଜମିଥିଲା । କିନ୍ତୁ ଏଭଳି ଦୁଃଖଦ ଘଟଣା ଜାଣି ଭକ୍ତ ମର୍ମାହତ ହୋଇଥିଲେ । ତେଣୁ ବିନା ଦର୍ଶନରେ ଘରକୁ ଫେରିଥିଲେ । ମନ୍ଦିର ପୂଜାରୀ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଚଳାଇଛି । ଏହି ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି




ଭଞ୍ଜନଗର, ୧୬।୧୨(ସମିସ): ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋ କୁମାର ପୃଷ୍ଟି, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ସମୁଦାୟ ୭୪ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ । ଏଥିରୁ ୬୪ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୦ଟି ଗ୍ରାମୀଣ ସମସ୍ୟା ଅଭିଯୋଗ ଥିଲା । ଅତିରିକ୍ତ ଜିଲ୍ଲାପାଳ ପୃଷ୍ଟି ୪ଟି ଅଭିଯାଗର ତ୍ୱରିତ ଫଇସଲା କରିଥିଲେ । ଭଞ୍ଜନଗର ଏସଡିପିଓ ସୁଜିତ କୁମାର ନାୟକ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ ଧନଞ୍ଜୟ, ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଭଞ୍ଜନଗର ବିଜ୍ଞାପିତ ଅଳ ପରିଷର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଲି, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସ୍ନାକ୍ସ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ବେଲଗୁଣ୍ଠା, ୧୬ ।୧୨(ସମିସ): ଡ୍ରାଇଭରର ଆଖି ଲାଖି ଯିବାରୁ ଏକ ସ୍ନାକ୍ସ ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱ ଜମିକୁ ଓଲଟି ପଡ଼ିଛି । ଏକ ଟ୍ରକ୍ ମହାରାଷ୍ଟ୍ରର ନାଗପୁରରୁ ହଳଦୀରାମ୍ କମ୍ପାନିର ସ୍ନାକ୍ସ ଧରି ରବିବାର ରାତିରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ରାତି ୧୦ ଟା ସମୟରେ ଗାଙ୍ଗପୁର ନିକଟସ୍ଥ ଖଇରପୁଟି ହନୁମାନ ମନ୍ଦିରରୁ ୨୦୦ ମିଟର ଆଗକୁ ଯିବା ପରେ ଗାଡ଼ି ଚାଳକର ଆଖି ଲାଖିଯିବାରୁ ଟ୍ରକଟି ରାସ୍ତା ପାର୍ଶ୍ୱକୁ ଚାଲିଯାଇଥିଲା । ଗାଡ଼ିଟିକୁ ମୁଖ୍ୟ ରାସ୍ତାକୁ ଆଣିବା ପାଇଁ ଚାଳକଙ୍କ ଚେଷ୍ଟା ସତ୍ତ୍ୱେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଖାଲୁଆ ଜମିକୁ ଓଲଟି ପଡ଼ିଥିଲା ଓ ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନଥିବା ବେଳେ ଗାଙ୍ଗପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# ଶ୍ରୀମା ଅରବିନ୍ଦ ଯୋଗାଶ୍ରମର ବାର୍ଷିକ ଉତ୍ସବ




ରମ୍ଭା, ୧୬ ।୧୨(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ପଞ୍ଚାୟତର ଶ୍ରୀମା ଅରବିନ୍ଦ ଯୋଗାଶ୍ରମ ପରିସରରେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଦୁଇଦିନିଆ ବାର୍ଷିକ ଉତ୍ସବ ଅଧକ୍ଷା କେ. ବେଦମତୀ ପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ଭାଷଣ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଟି. ଗୋପାଳ କୃଷ୍ଣ ସେନାପତି ଦେବାସହ ଅତିଥି ପରିଚୟ ସାଧିକା ଶିକ୍ଷୟିତ୍ରୀ ଲକ୍ଷ୍ମୀବାଇ ପଠନ କରିଥିଲେ । ଆୟୋଜିତ ଉତ୍ସବରେ ଭିକାରୀ ଚରଣ ମହାପାତ୍ର (ଅବସରପ୍ରାପ୍ତ ଶିକ୍ଷକ), ଭାଗିରଥି ମହାପାତ୍ର, ପ୍ରଦୀପ କୁମାର ପାଣିଗ୍ରାହୀ ସାଧକ ଶିକ୍ଷକ ଖଲ୍ଲିକୋଟ, ବରିଷ୍ଠ ଶିକ୍ଷକ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର କେ. ଦିଲ୍ଲୀପ କୁମାର ସୁବୁଦ୍ଧି, ବରିଷ୍ଠ ପ୍ରବନ୍ଧକ ମେକାନିକ ଇଂଜିନିୟର ରାଉରକେଲା ଷ୍ଟିଲପ୍ଲାଣ୍ଟ ଅରୁଣ କୁମାର ସୁବୁଦ୍ଧି, ରମ୍ଭାର ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଅଭିଭାଷଣ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କ ଯୋଗରେ ଭାଗବତ ଗୀତାର ଭୂମିକା ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲେ ।

# ୨୨ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ



ସାନଖେମୁଣ୍ଡି, ୧୬ ।୧୨(ସମିସ): ଗଞ୍ଜାମ ଏସପି ସୁଭେନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପାଟପୁର ଥାନା ଟି. ଗୋବିନ୍ଦପୁର ପଞ୍ଚାୟତର ଗୋଠବଣିଆ ଗ୍ରାମ ନିକଟ ଜଙ୍ଗଲରୁ ପ୍ରାୟ ୨୨ଏକର ଜମିରେ ଗଞ୍ଜେଇ ଗଛ ନଷ୍ଟ କରିବା ସହ ଜାଳି ଦିଆଯାଇଛି । ସାନଖେମୁଣ୍ଡି ତହସିଲଦାର ତଥା ଏକଜୁକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ, ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଅବକାରୀ ଟିମ୍‌ଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଏହି ଚଢ଼ଉରେ ସାମିଲ ଥିଲେ । ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଚଢ଼ଉରେ ପୁଲିସ ଅବକାରୀ କର୍ମଚାରୀ, ବନ ବିଭାଗ କର୍ମଚାରୀ ଓ ରାଜସ୍ୱ କର୍ମଚାରୀ ସାମିଲ ଥିଲେ ।

# ରବି ଚାଷ ପାଇଁ ଚାଷୀଙ୍କ ବୈଠକ



ବୁଗୁଡା, ୧୬ ।୧୨(ସମିସ): ବୁଗୁଡା ସ୍ଥିତ ବାଘୁଆ ଜଳସେଚନ କାର୍ଯ୍ୟାଳୟରେ ସୋମବାର ଦିନ ରବି ଚାଷ ସମ୍ପର୍କିତ ଚାଷୀ ମାନଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଘୁଆ ଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କୃଷ୍ଣ ଚନ୍ଦ୍ର ପାଳ ଅଧକ୍ଷତା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ହୋଇଥିବା ସ୍ଥଳେ ବର୍ତ୍ତମାନ ବାଘୁଆ ଜଳଭଣ୍ଡାରରେ ୧୩୮.୯୭ ହେକ୍ଟର ମିଟର ଜଳ ଗଚ୍ଛିତ ଅଛି ଯାହାକି ମୋଟ ଜଳଧାରଣ କ୍ଷମତାର ୪.୪୮% ଅଟେ । ଆଗାମୀ ଗ୍ରୀଷ୍ମ ଋତୁରେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପାନୀୟଜଳ ଯୋଗାଣ ଅନିବାର୍ଯ୍ୟ ହେଉଥିବା ଯୋଗୁଁ ରବି ଋତୁରେ ଚାଷ ନିମନ୍ତେ ବାଘୁଆ ଜଳଭଣ୍ଡାରରେ ଜଳ ସ୍ୱଳ୍ପତା ଦୃଷ୍ଟିରୁ ଜଳ ଯୋଗାଣ ସମ୍ଭବ ହୋଇପାରିବ ନାହିଁ ବୋଲି ସଭାପତି ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ଅବଗତ କରାଇଥିଲେ । ତେଣୁ ବାଘୁଆ ଜଳସେଚନ ଉପରେ ନିର୍ଭର କରି କୌଣସି ଚାଷ ନକରିବାକୁ ଓ ଏନେଇ ଅନ୍ୟ ଚାଷୀ ମାନଙ୍କୁ ଅବଗତ କରାଇବା ପାଇଁ ସେ ସଭ୍ୟ ମାନଙ୍କୁ ଅନୁରୋଧ କରିଥିଲେ । ସଭାରେ ବୁଗୁଡ଼ା ସହ କୃଷି ଅଧିକାରୀ ହରପ୍ରୀୟା ବେହେରା ରବି ଋତୁରେ କମ୍ ଜଳରେ ଉତ୍ପାଦିତ ବିଭିନ୍ନ ଫସଲ ଉପରେ ଆଲୋଚନା କରିଥିଲାବେଳେ ପୋଲସରା ସହକାରୀ ଉଦ୍ୟାନ ଅଧିକାରୀ ଦିପ୍ତିମୟୀ ବସନ୍ତିଆ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନାରେ ଅନ୍ୟତମ ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ସହଯୋଗ କରିଥିଲେ ।

# ଜାତୀୟ କବାଡ଼ିରେ ଆର୍ଯ୍ୟପଲ୍ଲୀର ଶ୍ରୀବାଣୀ

ଛତ୍ରପୁର, ୧୬ ।୧୨(ସମିସ): ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଡି. ଶ୍ରୀବାଣୀ ୬୮ତମ ନ୍ୟାସନାଲ ସ୍କୁଲ ଗେମ ୨୦୨୪-୨୫ ମହାରାଷ୍ଟ୍ରର ଅମରାବତୀ ଠାରେ ଅନୁଷ୍ଠିତ ୧୪ ବର୍ଷରୁକମ ବାଳିକା ବର୍ଗ ଜୁନିୟର କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତାଙ୍କ ଘର ବଡ଼ ଆର୍ଯ୍ୟପଲ୍ଲୀ, ସେ ଗରିବ ମତ୍ସ୍ୟଜୀବୀ ପରିବାରରେ ଜନ୍ମ ଗ୍ରହଣ କରି ଭଲ ପାଠ ପଢ଼ା ସହିତ କ୍ରୀଡା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ପ୍ରଥମେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଅନୁଷ୍ଠିତ ଜୁନିୟର କବାଡି ପ୍ରତିଯୋଗିତାରେ ଚୟନ ହୋଇ ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ । ଏହି ପ୍ରତିଯୋଗିତା ସ୍କୁଲ ଗେମ୍‌ସ ଫେଡରେଶନ ଅଫ ଇଣ୍ଡିଆ ପକ୍ଷରୁ ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଅମରାବତୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିଲା । ଡି.ଶ୍ରୀବାଣୀ ଏଭଳି ଗୌରବ ଅର୍ଜନ କରିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ରାଜଲକ୍ଷ୍ମୀ ସାମନ୍ତରା, ସହକାରୀ ଶିକ୍ଷକ ସୁର ପ୍ରସାଦ ଶତପଥୀ, କ୍ରୀଡା ଶିକ୍ଷକ ଦେବରାଜ ଗୌଡ଼ଙ୍କ ସମେତ ସମସ୍ତ ଶିକ୍ଷକ/ ଛାତ୍ରଛାତ୍ରୀ ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।




# ବଡ଼କୋଦଣ୍ଡା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



ଭଞ୍ଜନଗର, ୧୬ ।୧୨(ସମିସ): ବଡ଼କୋଦଣ୍ଡା ସ୍ଥିତ ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତଙ୍କ ଠାରୁ ଅଭିବାଦନ ଗ୍ରହଣ ପରେ ନିଜର ବକ୍ତବ୍ୟ ରଖିଥିଲେ । କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ବେହେରା ଓ ଶାନ୍ତିଲତା ପ୍ରଧାନ କ୍ରୀଡା ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଅନିମା ମିଶ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ସାଜନ ସ୍ୱାଇଁ, ରଶ୍ମିତା ସାହୁ, ମୋହନ ସାହୁ, ରାଜଶ୍ରୀ ପଟ୍ଟନାୟକ, ନୀଳାଞ୍ଚଳ ପ୍ରଧାନ, ଗୀତାଞ୍ଜଳି ମଲିକ, ବାଳକୃଷ୍ଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବିବେକାନନ୍ଦ ଶିକ୍ଷା ପ୍ରତିଷ୍ଠାନର କ୍ରୀଡ଼ା ଉତ୍ସବ

ବେଲଗୁଣ୍ଠା, ୧୬ ।୧୨(ସମିସ): ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ତିନିନ ଧରି ଚାଲିଥିବା ୨୭ ତମ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା



ସସ୍ମିତା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସୋରଡ଼ା ବିଧାୟକ ତଥା ଅନୁଷ୍ଠାନର ସଭାପତି ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ । ସେହିପରି ସମ୍ମାନିତ ଅତିଥି ରୂପେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ସୀମାଞ୍ଚଳ ପୃଷ୍ଟି, ବାର୍ ଆସୋସିଏସନ୍ ସମ୍ପାଦକ ବିଦେଶୀ ନାହାକ, ଗାଙ୍ଗପୁର ବନପାଳ ମିତା ପଲାଇ, ଗାଙ୍ଗପୁର ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ, ସଦସ୍ୟ ସନ୍ତୋଷ କୁମାର ବିଷୋୟୀ, ବିକ୍ରମ ପାତ୍ର, ରଙ୍କନିଧି ବିଷୋୟୀ, ନିତ୍ୟାନନ୍ଦ ବିଷୋୟୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡ଼ା ଶିକ୍ଷକ ଦେବାଶିଷ ବିଷୋୟୀ, ସାଂସ୍କୃତିକ ପରିଷ ମୁଖ୍ୟ ମିଥୁନ୍ ନାୟକ, ବରିଷ୍ଠ ଗୁରୁଜୀ ଗଣେଶ ସାହୁ, ପବିତ୍ର ମୋହନ ବିଷୋୟୀ, ବିଶ୍ ରଞ୍ଜନ ସେଠୀ ପମୁଖ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଗୁରୁମା ପ୍ରତିମା ବିଷୋୟୀ, ରିନା ସାହୁ, ରୋଜୀମା, ଅଙ୍କିତା, ସୁଜ୍ଞାନୀ, ମନିଷା, ରାଜ୍ କୁମାରୀ ସେଠୀ, ଆଶା, ଝାନସୀ ଭୂୟାଁ, ଜ୍ୟୋସ୍ନା ରାଣୀ ପ୍ରଧାନ, ସନ୍ତୋଷିନୀ ଗୌଡ଼, ତେଜକୁମାରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପଞ୍ଚମ ଶ୍ରେଣୀ ଛାତ୍ରଙ୍କ କୃତିତ୍ୱ

ଗଞ୍ଜାମ, ୧୬।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କଳାଯମୁନା ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ଛାତ୍ର ବିଶ୍ୱଜିତ ଦାଶ ୨୦୨୪-୨୫ ବର୍ଷ ପାଇଁ ତିନୋଟି ବିଭିନ୍ନ ପରୀକ୍ଷାରେ ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଛାତ୍ର ଜଣଙ୍କ ଆଦର୍ଶ ଏଣ୍ଟରାନ୍ସ ପରୀକ୍ଷାରେ ସେ ଗଞ୍ଜାମ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନବୋଦୟ ପରୀକ୍ଷାରେ ଗଞ୍ଜାମ ଜିଲ୍ଲା ଟପ୍ପର ଓ ପଞ୍ଚମ ଶ୍ରେଣୀ ସ୍କୋଲାରସିପରେ ଗଞ୍ଜାମ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବ୍ୟବସାୟୀ ବିଶ୍ୱନାଥ ଦାଶ ଓ କଳାଯମୁନା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ରଙ୍କ ପୁଅ ଅଟନ୍ତି । ତାଙ୍କର ଏହି ସଫଳତାରେ ହୁମ୍ମା ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, କଳାଯମୁନା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଧନୁ ସଂକ୍ରାନ୍ତି ପାଇଁ ପହିଲି ଭୋଗ



ଶେରଗଡ଼, ୧୬ ।୧୨(ସମିସ): ଶେରଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ଧନୁ ସଂକ୍ରାନ୍ତି ତିଥି ଠାରୁ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ଏହା ଆସନ୍ତା ମକର ସଂକ୍ରାନ୍ତି ଦିନ ଶେଷ ହେବ । ଶେରଗଡ଼ର ରାମଚଣ୍ଡୀ ମନ୍ଦିର, କରଡାକଣା ଜଗନ୍ନାଥ ମନ୍ଦିର, ଅଲାରିଗଡ଼ ଜଗନ୍ନାଥ ମନ୍ଦିର, ହରିକୃଷ୍ଣପୁର ଗୋପୀନାଥ ମନ୍ଦିର, ପିତଳ ଜଗନ୍ନାଥ ମନ୍ଦିର, ସନ୍ତୋଷପୁର ରାଧାକୃଷ୍ଣ ମନ୍ଦିର, ଖମାର ରାଧାକୃଷ୍ଣ ମନ୍ଦିର ସମେତ ଆଖପାଖ ଅଞ୍ଚଳରେ ଥିବା ଅଧିକାଂଶ ମନ୍ଦିରରେ ପହିଲି ଭୋଗ ପରମ୍ପରା ଆରମ୍ଭ ହୋଇଛି । ଶୀତୁଆ ସକାଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଧାରଣ ଘରକୁ ପହିଲି ଭୋଗ ମଗାଇ ପରିବାର ସହ ଖାଉଥିବାବେଳେ ଅନ୍ୟ କେତେକ ବ୍ୟକ୍ତି ମନ୍ଦିରରେ ପହଞ୍ଚି ପହିଲି ଭୋଗ ପାଉଛନ୍ତି । ଦେବାଳୟରେ ଠାକୁରଙ୍କ ପହିଲି ଭୋଗ, ସ୍ୱତନ୍ତ୍ର ଓ ନିଆରା ନୀତି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ପୂଜା ପାଉଥିବା ଦେବାଦେବୀଙ୍କ ମନ୍ଦିରରେ ଲାଗିଥାଏ ।

# ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ

ବୁଗୁଡ଼ା, ୧୬ ।୧୨(ସମିସ): ଧନୁ ସଂକ୍ରାନ୍ତି ଠାରୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି । ବୁଗୁଡ଼ା ସହରାଞ୍ଚଳର ବିରଞ୍ଚି ନାରାୟଣ ମନ୍ଦିର, ବଳଦେବ ମନ୍ଦିର, କାଳୀ ମନ୍ଦିର ଓ ମାଳିଝୋଲା ମନ୍ଦିର ସମେତ ଗ୍ରାମାଞ୍ଚଳରେ ମରେଇପଲ୍ଲୀର କାଳୀ ମନ୍ଦିର, କାଦପଡ଼ାର ଜଗନ୍ନାଥ ମନ୍ଦିର, ଆଦିପୁରର ଜଗନ୍ନାଥ ମନ୍ଦିର, କୈଳାଶ ନଗରର ରାଧାକୃଷ୍ଣ ମନ୍ଦିର, କତକଲାର ଦଧିବାମନ ମନ୍ଦିର ଓ ଠାକୁରାଣୀ ମନ୍ଦିର, ବିରଞ୍ଚିପୁରର ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଗୋପୀନାଥ ମନ୍ଦିର, କଦମ୍ବ ମଠର ରଘୁନାଥ ମନ୍ଦିର, ବି.କରଡ଼ାବାଡ଼ିର ରାଧାକୃଷ୍ଣ ମନ୍ଦିର, ନୂଆଁ ଦଦରାଖୋଲର ଗୋପୀନାଥ ମନ୍ଦିର ସମେତ ସଙ୍କୁରୁର ଗୋପୀନାଥ ମନ୍ଦିର ତଥା ଅଞ୍ଚଳର ବିଭିନ୍ନ ମନ୍ଦିରରେ ଧନୁ ମୁଆଁ ଭୋଗ ସହ ପହିଲି ଭୋଗ ଆରମ୍ଭ ହୋଇଛି । ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥବା ଏହି ପହିଲି ଭୋଗ ନୀତି ଆଗାମୀ ମକର ସଂକ୍ରାନ୍ତିର ପୂର୍ବଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପହିଲି ଭୋଗ ପାଇଁ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।





# ଶକ୍ତି ସଂରକ୍ଷଣ ପ୍ରକଳ୍ପ ପାଇଁ ଛାତ୍ର ସମ୍ମାନିତ



**ସୋରଡ଼ା,୧୬ ।୧୨(ସମିସ):** ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ, ଭୁବନେଶ୍ୱର ଲୋକସଭା ଭବନରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନୀରେ ଗଞ୍ଜାମ ଜିଲ୍ଲା ପାଇଁ ଏକମାତ୍ର ପ୍ରତିଯୋଗୀ ଭାବେ ସୋରଡ଼ା ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହିଞ୍ଜଳ କୁଦାର ନବମ ଶ୍ରେଣୀର ଛାତ୍ର ଆୟୁଷ୍ମାନ ବବୁଲ ଗୌଡ଼ ୫ମ ସ୍ଥାନ ଅଧିକାର କରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଠାରୁ ମାନପତ୍ର ସହ ୩୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ସେ ସୂର୍ଯ୍ୟ ଶକ୍ତି କ୍ଷମତା ସମ୍ପର୍ଣ କୁଶଳ ତଲାରି ପ୍ରକଳ୍ପ ପ୍ରୋଜେକ୍ଟ କରି ଏହି ସମ୍ମାନର ପାତ୍ର ହୋଇପାରିଛନ୍ତି ।

ଏହି ତଲାରିରେ ଚାଷୀ ଠାରୁ ପଥ ଚାଳକ ପାଇଁ ଉପଯୋଗି ହୋଇପାରିବ କହିଛନ୍ତି ବବୁଲ ଗୌଡ଼। ଏଥିପାଇଁ ସାରା ଅଞ୍ଚଳବାସୀ ଖୁସି ବ୍ୟକ୍ତି କରିବା ସହ ଗାଇଡ ଶିକ୍ଷକ ଶ୍ରୀଜସ୍ମିନ୍ ସବର ଓ ପ୍ରଧାନ ଶିକ୍ଷକ ଶ୍ରୀରାମଚନ୍ଦ୍ର ମହାପାତ୍ରଙ୍କର ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଗୁଜରାଟରେ ହତ୍ୟାକାଣ୍ଡ

# ଦୁଇବର୍ଷ ପରେ ବ୍ରହ୍ମପୁରରୁ ହତ୍ୟା ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୬ ।୧୨(ସମିସ)

ଗୁଜୁରାଟରେ ହତ୍ୟାକରି ବ୍ରହ୍ମପୁରରେ ଲୁଚିଥିଲା ଅଭିଯୁକ୍ତ। ଦୁଇବର୍ଷ ଧରି ଫେରାର ଥିବା ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କଲା ଗୁଜରାଟର ପାଣ୍ଡେଶୋର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଶେରଗଡ଼ ଥାନା ଶୁଗୁଳିଆପଲ୍ଲୀ ଗାଁର ଡି.କେଶବ ପାତ୍ର (୨୫)। ରବିବାର ରାତିରେ ଗୁଜୁରାଟ ପୁଲିସ ବ୍ରହ୍ମପୁର ବଡ଼ବଜାର ଥାନା ପୁଲିସର ସହାୟତାରେ ଅଭିଯୁକ୍ତ କେଶବକୁ ଗିରଫ କରିବାରେ ସଫଳ ହୋଇଥିଲା। ସୋମବାର ଦିନ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ କେଶବକୁ ହାଜର କରି ଗୁଜରାଟ ନେଇଛି ପାଣ୍ଡେଶୋର ଥାନା ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ କେଶବ ସୁରଟରେ ଶ୍ରମିକ ଭାବେ ଏକ କମ୍ପାନୀରେ କାମ କରୁଥିଲେ।

- **ଗିରଫ ଅଭିଯୁକ୍ତ ହରିଡ଼ାଖଣ୍ଡି ନିକଟ ମଦ ଦୋକାନରେ ସେଲ୍ସମ୍ୟାନ ଭାବେ କାମ କରୁଥିଲେ**
- **ସମାଧାନ ପାଇଁ ଡାକି ଛୁରି ଭୁସି ହତ୍ୟା କରିଥିଲେ**

ସେଠାରେ କେଶବ ଓ ତାର ଅନ୍ୟ ୬ଜଣ ସହଯୋଗୀଙ୍କ ସହ ପାଣ୍ଡେଶୋର ଅଞ୍ଚଳର ତଥା ଉକ୍ତ କମ୍ପାନୀରେ କାର୍ଯ୍ୟରତ ଅରବିନ୍ଦ ଯାଦବ ନାମକ ଜଣେ ଯୁବକଙ୍କ ସହ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ଅରବିନ୍ଦଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ୨୦୨୨ମସିହା ଜୁଲାଇ ୧୯ ତାରିଖରେ ଝଗଡ଼ାର ସମାଧାନ ପାଇଁ ଅରବିନ୍ଦକୁ ଡାକିଥିଲେ କେବଶବ ଓ ତାଙ୍କ ସହଯୋଗୀ। ଅରବିନ୍ଦ ସେମାନଙ୍କ କଥାକୁ ବିଶ୍ୱାସ କରି ସେମାନଙ୍କ ନିକଟକୁ ଯାଇଥିଲେ। ସେଠାରେ ଗଣ୍ଡୋଗୋଳ ହୋଇଥିଲା। ଏବଂ



କେଶବ ଅନ୍ୟ ସହଯୋଗୀଙ୍କ ସହାୟତାରେ ଛୁରୀରେ ଅରବିନ୍ଦଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଅରବିନ୍ଦ ଗୁରୁତର ହୋଇ ସେଠାକାର ଏକ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାପରେ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ମୃତ ଅରବିନ୍ଦଙ୍କ ପରିବାର ଲୋକେ ଏନେଇ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଏହି ଘଟଣାରେ ସମ୍ପୃକ୍ତ ଏକାଧିକ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅଭିଯୁକ୍ତ କେଶବ ଫେରାର ହୋଇଯାଇଥିଲା। ଫେରାର ସମୟରେ ମୋବାଇଲକୁ ବନ୍ଦ କରିଦେଇଥିଲେ କେଶବ। ହତ୍ୟା ଅଭିଯୁକ୍ତ କେଶବ ଗୁଜରାଟରୁ ବ୍ରହ୍ମପୁର ଆସି ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ସ୍ଥିତ ଏକ ମଦ ଦୋକାନରେ ସେଲସ୍ ମ୍ୟାନ ଭାବେ ନିୟୋଜିତ ଥିଲା। ଫେରାର କେଶବକୁ ଧରିବା ପାଇଁ ପୁଲିସ କେଶବର ପରିବାର ସଦସ୍ୟ, ସମ୍ପର୍କୀୟ ଓ ବନ୍ଧୁବର୍ଗଙ୍କ ମୋବାଇଲକୁ ଟ୍ରାକିଂ କରିଥିଲା। ଟ୍ରାକିଂ କରି ପୁଲିସ ବିଭିନ୍ନ ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରିଥିଲା। କେଶବ ବ୍ରହ୍ମପୁର ସହରରେ ଆତ୍ମଗୋପନ କରିଥଇବା ଗୁଜରାଟ ପୁଲିସ ଜାଣି ପାରିଥିଲା। ସେହିକ୍ରମରେ ଗୁଜରାଟ ପୁଲିସର ଏକ ଟିମ ବ୍ରହ୍ମପୁରରେ ପହଁଞ୍ଚି ବ୍ରହ୍ମପୁର ଏସପିଙ୍କ ସହ ଯୋଗଯୋଗ କରିଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ବଜାର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗୁଜୁରାଟ ପୁଲିସକୁ ଅଭିଯୁକ୍ତ କେଶବକୁ ଧରିବାରେ ସହଯୋଗ କରିଥିଲେ। ବଡବଜାର ଥାନା ପୁଲିସ ଟିମ ସହାୟତାରେ ସୁରାଟର ପାଣ୍ଡେସର ଥାନାର ଏସଆଇ ଖତୁଭାଇ ସାବଲସିଂଙ୍କ ନେତୃତ୍ୱରେ ଆସିଥିବା ୪ଜଣିଆ ଟିମ ହରିଡ଼ାଖଣ୍ଡି ଛକରେ ଥିବା ମଦ ଦୋକାନରୁ ଅଭିଯୁକ୍ତ କେଶବକୁ କାବୁ କରିଥିଲେ। କେଶବକୁ ଗିରଫ କରି ସୋମବାର ବ୍ରହ୍ମପୁର ଏସଡ଼ିଜେଏମଙ୍କ କୋର୍ଟରେ ହାଜର କରି ୫ଦିନିଆ ରିମାଣ୍ଡରେ ନେଇଛି ଗୁଜରାଟ ପୁଲିସ।



## ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା

# ଶୁଭାଶିଷଙ୍କୁ ରୌପ୍ୟ ପଦକ

**ଦିଗପହଣ୍ଡି,୧୬ ।୧୨(ସମିସ):** ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭାଶିଷ ରଥ ରାଜ୍ୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତ୍ତଳନ କକ୍ଷରେ ଆୟୋଜିତ ପ୍ରଥମ ଓଡ଼ିଶା ଅନ୍ତଃତୃଣମୂଳସ୍ତରୀୟ ୧୪ ବର୍ଷରୁ କମ୍ ବର୍ଗ ଚାମ୍ପିଅନସିପରେ ଶୁଭାଶିଷ ଭାଗନେଇ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ପାଇଛନ୍ତି।

ସେ ସମଗ୍ର ଦିଗପହଣ୍ଡି ବ୍ଲକ ତଥା ଏନଏସି ପାଇଁ ଗୌରବ ଆଣିଦେଇଛନ୍ତି। ସେ ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଭାରତ୍ତୋଳନ ଅଭ୍ୟାସ କରୁଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ରାଜେଶ୍ୱରୀ ବେହେରାଙ୍କ ସୁଦକ୍ଷ ତାଲିମ ଯୋଗୁଁ ଶୁଭାଶିଷ ଏହି ସଫଳତା ପାଇପାରିଥିବା କହିଛନ୍ତି । ପଦ୍ମନାଭପୁର ପଞ୍ଚାୟତ ଭୀମପୁର ଶାସନର ସାମ୍ବାଦିକ ଶିବ ପ୍ରସାଦ ରଥ ଓ ରଶ୍ମିତା ରଥଙ୍କ ବଡ଼ପୁଅ ଶୁଭାଶିଷ ଦିଗପହଣ୍ଡି ଆନନ୍ଦ ନଗରରେ ରହି ପାଠ ପଢୁଛନ୍ତି। ଦିଗପହଣ୍ଡି ଇଣ୍ଡୋର ଷ୍ଟାଡିୟମ ମୁଖ୍ୟ କ୍ରୀଡା ପ୍ରଶିକ୍ଷକ ନୀଳମାଧବ ପଣ୍ଡାଙ୍କ ସମେତ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଉଚ୍ଛେଦ କଲେ, ଥଇଥାନ କଲେନି

**ଜି.ଉଦୟଗିରି,୧୬।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରର ଭେଟରେନାରୀ ଛକ ଏବଂ ଭଞ୍ଜ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଏନଏସି ତରଫରୁ ଦିଆଯାଇ ଥିବା ୧୫ ଦୋକାନ ଗୃହରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ୨୦୧୦ ମସିହାରେ ରାସ୍ତା ପ୍ରଶସ୍ତ ନାମରେ ୧୫ ଦୋକାନୀଙ୍କୁ ଉଚ୍ଛେଦ କରାଯିବା ସହ ଦେକାନ ଗୃହ ଭଙ୍ଗି ଦିଆଯାଇଥିଲା। ଗୃହ ଭାଙ୍ଗିଲା ବେଳେ ସେମାନଙ୍କୁ ଶୀଘ୍ର ଥଇଥାନ କରିବାର ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଇତି ମଧ୍ୟରେ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଥଇଥାନ କରାଯାଇନାହିଁ। ୧୫ ଦୋକାନୀଙ୍କ ମଧ୍ୟରୁ କେତେକ ପରିବାର ପ୍ରତିପୋଷଣ ଚିନ୍ତାରେ ଆରପାରିକି ଚାଲିଗଲେଣି। ଆଉ ଯେଉଁମାନେ ବଞ୍ଚିଛନ୍ତି ସେମାନେ ପରିବାର ପ୍ରତିପୋଷଣ ଚିନ୍ତାରେ



ଛଟପଟ ହେଉଛନ୍ତି। ତଥାପି କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। କେତେ ଥର ଅନଶନ, ଜିଲ୍ଲାପାଳ, ନଗର ଉନ୍ନୟନ ମନ୍ତ୍ରୀ, ସଚିବଙ୍କ ସହ ଅନ୍ୟମାନଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି। ୧୪ ବର୍ଷ ମଧ୍ୟରେ ଏନଏସି ବିଭିନ୍ନ ସ୍ଥାନରେ ନୂତନ ଦୋକାନ ଗୃହ ନିର୍ମାଣ କରି ଅନ୍ୟମାନଙ୍କୁ ଦେଉଥିଲେ ମଧ୍ୟ ଉଚ୍ଛେଦ ଲୋକଙ୍କ କଥା ମନେ ପଡୁନି। ଉଚ୍ଛେଦ ହୋଇଥିବା ଦୋକାନୀ ଆଜପର୍ଯ୍ୟନ୍ତ ଦୋକାନ ଘର ପାଇବା ପାଇଁ ଏଣେ ତେଣେ ବୁଲୁଛନ୍ତି। ପରିବାର ପ୍ରତିପୋଷଣ ଚିନ୍ତା ଲାଗି ରହିଛି। ଆଜି ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କେହି ଚେଷ୍ଟା ନ କରି ନିଷ୍ଠୁର ହେବାରେ ଲାଗିଛନ୍ତି। ରାସ୍ତା ପ୍ରଶସ୍ତ ପରେ ମଧ୍ୟ ମାଳ ମାଳ ଉଠା ଦୋକାନ ଖୋଲାଯାଉଛି। ଯେଉଁ ଟ୍ରାଫିକ ସମସ୍ୟାକୁ ସେହି ସମସ୍ୟା ଲାଗି ରହିଛି। କିଛି ଲାଭ ପାଇନି ଏନ୍ଏସି। ତେଣୁ ଏହି ଦେକାନୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଥଇଥାନ କରାଗଲେ ଉଜୁଡ଼ିବାକୁ ବସିଥିବା କିଛି ପରିବାର ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ଆସିକାରେ ବିଜେପିର ମିଶ୍ରଣ ପର୍ବ

**ଆସିକା,୧୬ ।୧୨(ସମିସ):** ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ଫାର୍ମ ହାଉସରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଦଳ ସମର୍ଥିତ ୬ ଜଣ ସରପଞ୍ଚ ଓ ଜଣେ ସମିତି ସଭ୍ୟ ବିଜେପିରେ ମିଶିଛନ୍ତି। ଆସିକା ବ୍ଲକରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ୨୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଜେଡି ସମର୍ଥିତ ପ୍ରାର୍ଥୀ ମାନେ ବିଜୟୀ ହୋଇ ଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ବିଧାୟକ ସରୋଜ ପାଢ଼ୀ ନିର୍ବାଚିତ ହୋଇ ଥିବା ବେଳେ ତାଙ୍କୁ ସମର୍ଥନ ଜଣାଇ ପୂର୍ବରୁ ୪ ସମିତି ସଭ୍ୟ ବିଜେପିରେ ମିଶିଥିବା ବେଳେ ରବିବାର ୬ ସରପଞ୍ଚ ଓ ଜଣେ ସମିତି ସଭ୍ୟ ବିଜେପିରେ ମିଶିଥିବା ବେଳେ ବର୍ତ୍ତମାନ ମଧ୍ୟ୨୦ ସରପଞ୍ଚ ଓ ବହୁ ସମିତି ସଭ୍ୟ ବିଜେଡିରେ ଅଛନ୍ତି ବୋଲି କହିଛନ୍ତି ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ।

ଭଗବାନ ସାହୁ, ଖାରିଆ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସାହୁ, ଭେଟନଇର ଟୁଲୁ ଜେନା, ପାଣ୍ଡିଆ ପଥରର ନୀଳାଞ୍ଚଳ ଗୌଡ଼, ସମୀର ବେହେରା, ଆଳିପୁର ସରପଞ୍ଚ ଜ୍ୟୋର୍ତିମୟୀ ନାହାକ, ରଶ୍ମିତା ବିଶ୍ୱାଳ, ଦୈତାରୀ ବେହେରା, ମୁନା ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣା; ୪ ନକ୍ସଲ ଗିରଫ

ମାଲକାନଗିରି,୧୬।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନ ଅଧୀନରେ ଡିଆରଜି ଯବାନମାନେ ତଲାସି ଅଭିଯାନ ବେଳେ ୪ ନକ୍ସଲଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ରାମ ମାଣ୍ଡବୀ, ହାଡମା ମୁଚାକି, ବୁଦ୍ଧ ପୋଡିୟମ୍, ଯୋଗା ପୋଡିୟମ। ତେବେ ଯବାନ ମାନେ ତଲାସି ଅଭିଯାନ



ବେଳେ ଏହି ୪ଜଣ ଜଙ୍ଗଲ ମଧ୍ୟରେ ଲୁଚି ପଳାଉଥିବା ଦେଖି କାବୁ କରିଥିଲେ। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ଏବଂ ପୂର୍ବରୁ ସେମାନେ ପୂର୍ବତନ ସରପଞ୍ଚ ଶୁକ୍କୁ ଫାରସାଙ୍କ ହତ୍ୟାରେ ସାମିଲ ଥିଲେ ବୋଲି ଜଣା ପଡିଥିଲା। ତୁରନ୍ତ ଯବାନମାନେ ଉକ୍ତ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ବିଚାର ବିଭାଗୀୟ ରିମାଣ୍ଡକୁ ପଠାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ରିଜର୍ଭ କାର୍ଯ୍ୟାଳୟରେ ଖୋଲିଲା ପୁଲିସ କ୍ୟାଣ୍ଟିନ୍

**ବ୍ରହ୍ମପୁର,୧୬।୧୨(ସମିସ):** ସ୍ଥାନୀୟ ଆମ୍ବପୁଆସ୍ଥିତ ପୁଲିସ ରିଜର୍ଭ ଅଫିସ୍ ପରିସରରେ ଏକ କ୍ୟାଣ୍ଟିନ୍ ଖୋଲାଯାଇଛି । ଆଜି ଉକ୍ତ କ୍ୟାଣ୍ଟିନ୍‌କୁ ଦକ୍ଷିଣାଞ୍ଚଳ ଡିଆଇଜି ଡ.ସାର୍ଥକ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ୍ ଏମ୍, ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ହାବିଲଦାର ଓ କନେଷ୍ଟବଳ ସଂଘର ସମ୍ପାଦକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। କ୍ୟାଣ୍ଟିନ ଖୋଲିବା ଦ୍ୱାରା ପୁଲିସ କର୍ମଚାରୀ, ଗୃହରକ୍ଷୀ, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ସୁଲଭ ମୁଲ୍ୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପାଇପାରିବେ ବୋଲି ଜଣାପଡ଼ିଛି । ପ୍ରକାଶ ଥାଉ କି ବ୍ରହ୍ମପୁର ପୁଲିସ ଜିଲ୍ଲାରେ କ୍ୟାଣ୍ଟିନ୍ ନ ଥିଲା । ଏଠାରେ କ୍ୟାଣ୍ଟିନ ଖୋଲିବା ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଥିଲା ।



# ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ରମ୍ଭା,୧୬ ।୧୨(ସମିସ):** ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତିପୀଠ ରମ୍ଭା ଏବଂ ପାଲଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ରବି ନାରାୟଣ ସେନାପତିଙ୍କ ବିବାହ ବାର୍ଷିକୀ ଅବସରରେ ଅନୁଷ୍ଠିତ ଏହି ଶିବିରରେ ୪୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ୧୨ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଥିଲା।

ରବି ନାରାୟଣ ସେନାପତି ଏବଂ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାନନ ଖଟୁଆ, ଲିଙ୍ଗରାଜ ପାତ୍ର ଏବଂ ମୁନା ପ୍ରଧାନ ସହଯୋଗ କରିଥିଲେ। ଚିକିତ୍ସାଳୟର ଟିମ୍ ମ୍ୟାନେଜର ଚିତ୍ରସେନ ଗୌଡ଼ ଏବଂ ତାଙ୍କର ଟିମ୍‌ର ସଦସ୍ୟମାନେ ଆସି ଶିବିର ପରିଚାଳନା କରିଥିଲେ।

# ଖ୍ରୀଷ୍ଟମାସ ପାଇଁ ଶାନ୍ତି କମିଟି ବୈଠକ




**ଦାରିଙ୍ଗବାଡି,୧୬।୧୨(ସମିସ):** ଖ୍ରୀଷ୍ଟମାସ କିଭଳି ଶାନ୍ତିପୂର୍ଣ୍ଣ ଭାବେ ପାଳନ ହେବ ସେଥି ନେଇ ଦାରିଙ୍ଗବାଡି ବ୍ଲକ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲିଗୁଡ଼ା ଏସଡିପିଓ କମଳ ପଣ୍ଡା, ବିଡ଼ିଓ ପ୍ରୀତି ରଞ୍ଜନ ରଥ ଓ ଥାନା ଅଧିକାରୀ ଅଶୋକ ହାଁସଦା ଉପସ୍ଥିତି ରହି ବଡ଼ ଦିନ ଶାନ୍ତି ଶୃଙ୍ଖଳା ସହକାରେ ପାଳନ କରାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ରୁତଗତି ଓ ମଦ୍ୟପ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ରଖିଥିଲେ। ବୈଠକରେ ଦାରିଙ୍ଗବାଡ଼ି କ୍ୟାଥଲିକ୍ ଚର୍ଚ୍ଚର ମୁଖ୍ୟ ଯାଜକ ମୁକୁନ୍ଦଦେବ ବଲିଆରସିଂ, ପାଷ୍ଟର ଆସୋସିଏସନ ସଭାପତି ସୁନୀଲ ପ୍ରଧାନ ଓ ବଣିକ ସଂଘ ସଭାପତି ଲଡ୍ଡୁ କିଶୋର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଏନ୍‌ଡାଇଆକନ ୨୦୨୪

# ମଧୁମେହ ଓ ଅନ୍ତଃସ୍ରାବୀ ରୋଗ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମ୍ମିଳନୀ




**ବ୍ରହ୍ମପୁର,୧୬ ।୧୨(ସମିସ):** ବ୍ରହ୍ମପୁରସ୍ଥିତ ଜାତୀୟ ଚିକିତ୍ସକ ସଂଘ ସମ୍ମିଳନୀ କକ୍ଷରେ ମଧୁମେହ ରାଜ୍ୟସ୍ତରୀୟ ମଧୁମେହ, ଅନ୍ତଃସ୍ରାବୀ ରୋଗ ସମ୍ବନ୍ଧୀୟ ସମ୍ମିଳନୀ ଏନଡ଼ାଇଆକନ ୨୦୨୪ ଉଦଘାଟିତ ହୋଇଯାଇଛି। ହରମୋନ ରୋଗ ଓ ମଧୁମେହ ବିଶେଷଜ୍ଞ ଡ଼ା ସୁନିଲ କୁମାର କୋଟାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ବ୍ରହ୍ମପୁର ସ୍ୱାସ୍ଥ୍ୟ ସଦନ ତଥା ଏମକେସିଜି ଭେଷଜ ବିଦ୍ୟାଳୟର ଭେଷଜ ସ୍ନାତକୋତ୍ତର ବିଭାଗ ଏବଂ ଆଇଏମଏ ଯୁଗ୍ମ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଚିବ ଡ଼ା ନିହାର ରଞ୍ଜନ ସାହୁ ଏବଂ ଡ଼ା କୋଟାଙ୍କ ମିଳିତ ପ୍ରୟାସରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଓଡ଼ିଶା ସରକାରଙ୍କ ମେଡ଼ିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ନା ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏକକେସିଜି ମେଡ଼ିକାଲ କଲେଜର ଅଧ୍ୟକ୍ଷା ପ୍ରଫେସର ଡ଼ାକ୍ତର ସୁଚିତ୍ରା ଦାଶ, ଆଇଏମଏ ସଭାପତି ଡ଼ା ବାଙ୍କ ବିହାରୀ ଦାଶ, ଭୁବନେଶ୍ୱର ସ୍ଥିତ ସମ ମେଡ଼ିକାଲ କଲେଜର ବରିଷ୍ଠ ପ୍ରଫେସର ଡ଼ା ଲଳିତ କୁମାର ମେହର ଅତିଥିଭାବେ ଯୋଗ ଦେଇଥିଲେ। ବିଶ୍ୱ ଏବଂ ଭାରତ ବର୍ଷରେ ବଢୁଥିବା ଡ଼ାଏବେଟିସ ଏବଂ ଅନ୍ୟାନ୍ୟ ହରମୋନ ରୋଗ ସଂଖ୍ୟା ଉପରେ ସମସ୍ତେ ଚିନ୍ତା ପ୍ରକଟ କରିଥିଲେ। ଏହି ରୋଗ ସମ୍ବନ୍ଧୀୟ ବୈଜ୍ଞାନିକ ଜ୍ଞାନ ବୃଦ୍ଧି ପାଇଁ ସବୁ ବିଭାଗର ଡ଼ାକ୍ତରମାନେ ତତ୍ପର ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ସବୁରୋଗର ପିଡ଼ିତ ବ୍ୟକ୍ତି ସଠିକ ଚିକିତ୍ସା ଦ୍ୱାରା ଜଟିଳତା ଦୂର ହୋଇପାରିବ ବୋଲି କହିଥିଲେ। ଡ଼ା ଲଳିତ ମେହର ଦକ୍ଷିଣ ଓଡ଼ିଶାର ଡ଼ାକ୍ତର ମାନଙ୍କ ଜ୍ଞାନବୃଦ୍ଧି ପାଇଁ ଡ଼ା ସୁନିଲ କୋଟା ଏବଂ ଡ଼ା ନିହାର ସାହୁଙ୍କ ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଡ଼ାଏବେଟିସ ଏବଂ ହରମୋନ ରୋଗର ନାନା ଦୃଷ୍ଟିକୋଣକୁ ଆଖି ଆଗରେ ଉପସ୍ଥିତ ସମସ୍ତ ଡ଼ାକ୍ତରମାନେ ସର୍ବମୋଟ ୪୦ଟି ପ୍ରସଙ୍ଗରେ ଉପସ୍ଥାପନା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ା କମଳାକାନ୍ତ ପାଣିଗ୍ରାହୀ, ଡ଼ା ଆନନ୍ଦ ଶାସ୍ତ୍ରୀ, ଡ଼ା ବଦ୍ରି ଦଣ୍ଡପାଣି, ଡ଼ା ଗୋପାଳ ପାତ୍ର, ଡ଼ା ଆନନ୍ଦ ଶାସ୍ତ୍ରୀ, ଡ଼ା ଜିତେନ୍ଦ୍ର ପାଣିଗ୍ରାହୀ, ଡ଼ା ଟିକିନା ବେହେରା, ଡ଼ା ମିନାକ୍ଷୀ ମୁନି, ଏମକେସିଜି ମେଡ଼ିକାଲ କଲେଜର ଭେଷଣ ସ୍ନାତକୋତ୍ତର ଡ଼ାକ୍ତରୀ ଛାତ୍ର ଡ଼ା ଶୁଭାଶିଷ, ଡ଼ା ରୂପାଲି, ଡ଼ ଏକଲବ୍ୟ ଓ ସ୍ୱାସ୍ଥ୍ୟ ସଦନର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଶେଷରେ ସ୍ୱାସ୍ଥ୍ୟ ସଦନ ପକ୍ଷରୁ କ୍ରେଡ଼ିଟ ଘଣ୍ଟା ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ମହାମାୟୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ କାର୍ଯ୍ୟକ୍ଷମ ପ୍ରସଙ୍ଗ

# ଜାନୁଆରୀ ଦୁଇ ସୁଦ୍ଧା ନୂତନ କୋଠାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

ବ୍ରହ୍ମପୁର,୧୬ ।୧୨(ସମିସ)



ସ୍ଥାନାଭାବ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ଓ ବିଶ୍ୱବ୍ୟାଙ୍କର ଆର୍ଥିକ ଅନୁଦାନ ପ୍ରାୟ ସାଢେ ୫କୋଟି ଟଙ୍କା ବିନିଯୋଗରେ ମହାମାୟୀ ମହିଳା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯାଇଛି। କୋଠା ନିର୍ମାଣ ହେବା ସହିତ ନିର୍ମାଣକାରୀ ସଂସ୍ଥା ଉକ୍ତ କ୍ୟାମ୍ପସ ଓ କୋଠା କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ମଧ୍ୟ କରିସାରିଛି। ତଥାପି ଦିର୍ଘ ମାସ ଧରି ଉକ୍ତ କ୍ୟାମ୍ପସକୁ ବ୍ୟବହାର ନକରି ସେଠାରେ ତାଲା ପକାଇ ରଖିଛନ୍ତି କଲେଜ କର୍ତ୍ତୃପକ୍ଷ। ଯାହାକୁ ନେଇ ସକାଳ ଖବର କାଗଜରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଯାହାକୁ ଆଧାର କରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କଲେଜର ଅଧ୍ୟକ୍ଷାଙ୍କୁ ଆସନ୍ତା ଜାନୁଆରୀ ୨ତାରିଖ ୨୦୨୫ସୁଦ୍ଧା ଉକ୍ତ ନୂତନ କ୍ୟାମ୍ପସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯୋଗ୍ୟ ଯେ ସ୍ଥାନୀୟ ଗାନ୍ଧିନଗରରେ ମହାମୟୀ ମହିଳା ମହାବିଦ୍ୟାଳୟର ପୁରୁଣା କୋଠାରେ ଶିକ୍ଷାନୁଷ୍ଠାନ ଦିର୍ଘ ବର୍ଷ ଧରି ଚାଲିଆସୁଛି। ତେବେ ସ୍ଥାନର ଘୋର ଅଭାବ ଦର୍ଶାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ବିଶ୍ୱବ୍ୟାଙ୍କର ଅନୁଦାନ ପ୍ରାୟ ସାଢେ ୫କୋଟି ଟଙ୍କା ବ୍ୟୟରେ ମିନାକ୍ଷୀ ନଗରରେ ଏକ ନୂତନ ତଥା ଶିକ୍ଷାନୁଷ୍ଠାନର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା କରାଯାଇଥିଲା।

- **ଅଧ୍ୟକ୍ଷାଙ୍କୁ ନୋଟିସ ଜାରିକରିଛନ୍ତି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ**
- **ନୂତନ କ୍ୟାମ୍ପସରେ ବିନିଯୋଗ ହୋଇଛି ବିଶ୍ୱବ୍ୟାଙ୍କର ସାଢ଼େ ୫ କୋଟି ଟଙ୍କା**

ତେବେ ଉକ୍ତ ନୂତନ ତଥା ଦ୍ୱିତୀୟ କ୍ୟାମ୍ପସକୁ ବ୍ୟବହାର ନକରି ତାକୁ ତାଲା ପକାଇ ରଖିଛନ୍ତି କଲେଜ କର୍ତ୍ତୃପକ୍ଷ। ଏପରିକି ବର୍ତ୍ତମାନ ତାଲା ପଡିଥିବା ଦ୍ୱିତୀୟ କ୍ୟାମ୍ପସର ମାସିକ ବିଦ୍ୟୁତ୍ ବିଲ ବାବଦରେ ମଧ୍ୟ ପ୍ରାୟ ୩୦ହଜାର ଟଙ୍କା ପୈଠ କରାଯାଉଥଇବା ଜଣାପଡିଛି। ନୂତନ କ୍ୟାମ୍ପସକୁ ଯୁକ୍ତ ୩ ବାଣିଜ୍ୟ ବିଭାଗ, ବିବିଏ ଓ ବିସିଏ, ପିଜି ଶ୍ରେଣୀର ଗୃହବିଜ୍ଞାନ ଓ ଏଜୁକେସନ ଭଳି ବିଭାଗକୁ ସ୍ଥାନାନ୍ତର କରିବାକୁ ମଧ୍ୟ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ବୈଠକରେ ଅଧ୍ୟକ୍ଷାଙ୍କୁ କ୍ଷମତା ଦିଆଯାଇଥିବା ଜଣାପଡିଛି। ତେବେ ନୂତନ କ୍ୟାମ୍ପସକୁ ବ୍ୟବହାର ନକରି ତାଲା ପକାଇ ରଖିବା ଭଳି ଘଟଣଶକୁ ଗୁରୁତର ସହିତ ନେଇଛି ନିର୍ଦ୍ଦେଶାଳୟ। ସେପଟେ ନିକଟରେ ନାକ ଟିମ କଲେଜ ପରିଦର୍ଶନ ବେଳେ ଆସି ପୁରୁଣା କୋଠାରେ ସ୍ଥାନାଭାବ ପ୍ରସଙ୍ଗକୁ ନେଇ ବିରକ୍ତି ପ୍ରକାଶ କରିଥିବା ଜଣାପଡିଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ଚିଠିରେ ପୁରୁଣା ତଥା ଗାନ୍ଧିନଗର କ୍ୟାମ୍ପସ ସରକାରଙ୍କ ସ୍ୱୀକୃତି ପାଇଁ ଆବଶ୍ୟକ ମାନଦଣ୍ଡ ପୁରଣ କରୁନଥିବା ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଫଳରେ ତୁରନ୍ତ ନୂତନ କ୍ୟାମ୍ପସକୁ ବ୍ୟବହାର ନକଲେ କଲେଜର ସ୍ୱୀକୃତି ହରାଇବାର ଆଶଙ୍କା ଥିବା ଜଣାପଡିଛି।

